Odia Daily
www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR





Vol - 22 ✦ Issue No:112 ✦ 14 August 2026 (Friday) ✦ Rourkela ✦ Rs.2.00 ✦ Page -1 ✦ ୨୨ ବର୍ଷ ✦ ସଂଖ୍ୟା:୧୧୨ ✦ ୧୪ ଅଗଷ୍ଟ ୨୦୨୬ (ଶୁକ୍ରବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬

## ଅବପାତରେ ପରିଣତ ହେଲା ଲଘୁଚାପ :
# ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା, ପୁଣି ଉପୁଜିବ ଜଳବନ୍ଦୀ ସ୍ଥିତି



ଭୁବନେଶ୍ୱର,୧୩/୮(ନି/ପ୍ର): ପଶ୍ଚିମବଙ୍ଗ ଉପକୂଳରେ ଅବପାତରେ ପରିଣତ ହେଲା ଲଘୁଚାପ। ବାରିପଦା ଠାରୁ ୧୯୦ କିମି ଦୂରରେ ଏହା କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୨୪ ଘଟାଂରେ ପଶ୍ଚିମବଙ୍ଗ ଦେଇ ଝାଡ଼ଖଣ୍ଡ ମୁହାଁ ହେବା ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ଣ୍ଣି ଜାରି ହୋଇଛି। ସେପଟେ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଉତ୍ତର ଓଡ଼ିଶାରେ ମୂଷଳ ଧାରାରେ ବର୍ଷା ହେଉଛି। ଆଗାମୀ ୨୪ ଘଟାଂରେ ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲ୍ଲାର କିଛି ସ୍ଥାନରେ ଅତି ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବ। ଏହି ଦୁଇ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରିଛି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର। ଉତର ଓଡ଼ିଶାରେ ପ୍ରବଳ ବର୍ଷା ଯୋଗୁଁ ଫ୍ଲାସ୍ ଫ୍ଲଡ୍, ଲୋ ଭିଜିବିଲିଟି ରହିବ। ଲୋକେ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଓଗଉ ଭୁବନେଶ୍ୱର ନିର୍ଦ୍ଦେଶିକା ଡଃ ମନୋରମା ମହାନ୍ତି। ଏହାଛଡା ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ଯାଜପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି ବିଭାଗ। ୧୩ ଏବଂ ୧୪ ଅଗଷ୍ଟ ଦୁଇ ଦିନ ଓଡ଼ିଶା ଉପକୂଳରେ ପବନର ବେଗ ୪୫ ରୁ ୫୫ କିଲୋମିଟର ରହିବା ସହ ୬୫ କିଲୋମିଟର ପର୍ଯ୍ୟନ୍ତ ବଢ଼ିପାରେ। ସମୁଦ୍ର ଅଶାନ୍ତ ରହିବ। ତେଣୁ ଏହି ଦୁଇ ଦିନ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦେଇଛନ୍ତି। ସେପଟେ ଜଳକା, ସାଳନ୍ଦୀ ଓ ବୈତରଣୀ ପାଇଁ ସତର୍କ ରହିବାକୁ ହେବ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। କାରଣ ଉପର ମୁଣ୍ଡରେ ଅଧିକ ବର୍ଷା ହୋଇଛି। ଜଳ ନିଷ୍କାସନ ଠିକ୍ ଭାବେ ହୋଇପାରି ନାହିଁ। ବନ୍ୟା ସ୍ଥିତି ଯଦିଓ ଦେଖାଯିବ ନାହିଁ ତଥାପି ଜଳବନ୍ଦୀ ସମସ୍ୟା ଲାଗି ରହିବ। ତିହିଡ଼ି, ଚାନ୍ଦବାଲି, ବାଲେଶ୍ୱର ସଦର, ବସ୍ତା, ଦଶରଥପୁରରେ ଜଳବନ୍ଦୀ ସ୍ଥିତି ଲାଗି ରହିବ। ଲଘୁଚାପ ବର୍ଷା ପାଇଁ ଏଭଳି ସ୍ଥିତି ଉପୁଜିବ। ସୂଚନାନୁଯାୟୀ, ୧୭ଟି ସ୍ଥାନରେ ୧୦୦ ମିମି ରୁ ଅଧିକ ବର୍ଷା ହୋଇଛି। ବୁଢ଼ାବଳଙ୍ଗରେ ବଡ଼ ବନ୍ୟା ନାହିଁ।

## ୧୦ଟି ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ

ଭୁବନେଶ୍ୱର,୧୩/୮(ନି/ପ୍ର): ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସଫଳତାର ସହ ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏହି ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟର ବିକାଶ ଓ ଜନକଲ୍ୟାଣକୁ ଆଖିଆଗରେ ରଖି ୬ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମୋଟ ୧୦ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ମାରିଛି । ବୈଠକ ଶେଷ ହେବା ପରେ ମୁଖ୍ୟ ଶାସନ ସଚିବ ଅନୁଗର୍ଗ ଗଣମାଧ୍ୟମକୁ ଏହି ନିଷ୍ପତି ସମ୍ପର୍କରେ ଆନୁଷ୍ଠାନିକ ସୂଚନା ଦେଇଛନ୍ତି ।

## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com

## ଟୁର୍ ରିପୋର୍ଟ ଦେଉନାହାନ୍ତି ମନ୍ତ୍ରୀ
### ରାଗିଗଲେ କୃଷିମନ୍ତ୍ରୀ କେଭି ସିଂଦେଓ



ଭୁବନେଶ୍ୱର,୧୩/୮(ନି/ପ୍ର): ରାଜ୍ୟସ୍ତରୀୟ ହର୍ଟିକଲଚର (ଉଦ୍ୟାନକୃଷି) ଅଫିସର ସମ୍ମିଳନୀରେ ଅଧିକାରୀମାନଙ୍କ କାର୍ଯ୍ୟଶୈଳୀକୁ ନେଇ ପ୍ରବଳ ବର୍ଷିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । କୃଷି ଭବନରେ ଆୟୋଜିତ ଏହି ସମ୍ମିଳନୀରେ ଅଧିକାରୀମାନଙ୍କ ବେପରୁଆ ମନୋଭାବ ଓ କାର୍ଯ୍ୟପ୍ରଣାଳୀକୁ ନେଇ ସେ କଡ଼ା ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଉଦ୍ୟାନକୃଷି ସମ୍ପର୍କିତ ବିଭିନ୍ନ ଅଧ୍ୟୟନ ଓ ପ୍ରଶିକ୍ଷଣ ପାଇଁ ଦେଶ ତଥା ବିଦେଶ ଗସ୍ତରେ ଯାଉଥିବା ଅଧିକାରୀମାନେ ଫେରିବା ପରେ କୌଣସି ରିପୋର୍ଟ ଦାଖଲ କରୁନଥିବାରୁ ମନ୍ତ୍ରୀ ବିରକ୍ତି ପ୍ରକାଶ କରିଥିଲେ । 'ସରକାରଙ୍କୁ ଅନ୍ଧାରରେ ରଖନ୍ତୁ ନାହିଁ, ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରନ୍ତୁ । ରାଜ୍ୟ ସରକାର କୌଣସି ରବର ଷ୍ଟାମ୍ପ ନୁହନ୍ତି କିମ୍ବା ମୁଁ ମଧ୍ୟ ରବର ଷ୍ଟାମ୍ପ ନୁହେଁ । ତୁମେ ସରକାର ଚଳାଉନାହଁ, ଆମେ ସରକାର ଚଳାଉଛୁ । ଯିଏ ନିୟମ ମାନିବ ନାହିଁ, ସେ ସିଧା ଘରକୁ ପଳାଇବେ ।' ରାଜ୍ୟରେ ୫୮ଟି କୋଲ୍ଡ ଷ୍ଟୋରେଜ୍ ନିର୍ମାଣ ପାଇଁ ପୂର୍ବରୁ ଘୋଷଣା କରାଯାଇଥିଲା । ତେବେ ସମ୍ମିଳନୀରେ ବର୍ତ୍ତମାନ ସୁଦ୍ଧା ମାତ୍ର ପୁରୀଠାରେ ଗୋଟିଏ କୋଲ୍ଡ ଷ୍ଟୋରେଜ୍ ନିର୍ମାଣ ହେବାକୁ ଯାଉଥିବା ନେଇ ଅଧିକାରୀମାନେ ସୂଚନା ଦେବା ପରେ ମନ୍ତ୍ରୀ ଅଧିକ ଉତ୍କ୍ଷିପ୍ତ ହୋଇପଡ଼ିଥିଲେ ।

## ସଂସଦ ମୌସୁମୀ ଅଧିବେଶନ; ଲୋକସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ
### ରାଜ୍ୟସଭାରେ ପ୍ରବଳ ହଙ୍ଗାମା



ନୂଆଦିଲ୍ଲୀ,୧୩।୮: ଗୁରୁବାର ଦିନ ସଂସଦର ମୌସୁମୀ ଅଧିବେଶନର ଶେଷ ଦିନ ଥିଲା । ଏହି ଅବସରରେ ସଂସଦ ଭବନଠାରୁ ଆରମ୍ଭ କରି ସଦନ ଭିତର ପର୍ଯ୍ୟନ୍ତ ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦେଖିବାକୁ ମିଳିଛି । ପ୍ରବଳ ହଙ୍ଗାମା ଓ ବିରୋଧ ପ୍ରଦର୍ଶନ ମଧ୍ୟରେ ଲୋକସଭାର କାର୍ଯ୍ୟାନୁଷ୍ଠାନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରାଯାଇଛି । ଅନ୍ୟପକ୍ଷରେ, ରାଜ୍ୟସଭାରେ ମଧ୍ୟ ଭୀଷଣ ହଙ୍ଗାମା ଜାରି ରହିଛି । ଗୁରୁବାର ଅଧିବେଶନର ଶେଷ ମୁହୂର୍ତ୍ତରେ ଲୋକସଭାରେ ପୂରା 'ବନ୍ଦେ ମାତରମ୍' ଗାନ କରାଯାଇଥିଲା । ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହା, ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ସମେତ ସମସ୍ତ ସାଂସଦ ଛିଡ଼ା ହୋଇଥିଲେ । ବନ୍ଦେ ମାତରମ୍ ଗାନ ପରେ ଲୋକସଭା ସ୍ପିକର ଓମ ବିର୍ଲା ସଦନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ଘୋଷଣା କରିଥିଲେ । ସଂସଦର ମୌସୁମୀ ଅଧିବେଶନର ଆଜି ଶେଷ ଦିନ ଥିବାରୁ ସତ୍ତାପକ୍ଷ ଏବଂ ବିରୋଧୀ ଉଭୟ ପକ୍ଷରୁ ସଂସଦ ପରିସରରେ ଜୋରଦାର ବିରୋଧ ପ୍ରଦର୍ଶନ କରାଯାଇଥିଲା । ପୂରା ଅଧିବେଶନ ସମୟରେ ସଂସଦ ଭିତରେ ଏବଂ ବାହାରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି । ପରୀକ୍ଷାରେ ଅନିୟମିତତା ପ୍ରସଙ୍ଗ, ଦିଲ୍ଲୀରେ ପ୍ରଦର୍ଶନକାରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନ ନେଇ ବିରୋଧୀଙ୍କ ହଙ୍ଗାମା, ରାମମନ୍ଦିର ଚାନ୍ଦା ଚୋରି ଅଭିଯୋଗ ଏହିପରି ବିଭିନ୍ନ ପ୍ରସଙ୍ଗକୁ ନେଇ ବାରମ୍ବାର ସଦନର କାର୍ଯ୍ୟାନୁଷ୍ଠାନ ବାଧାପ୍ରାପ୍ତ ହୋଇଥିଲା ।

## ଲେହ-ଲଦାଖରେ ଭୂକମ୍ପ; ୫.୫ ତିବ୍ରତାରେ ଥରିଲା ସହର



ନୂଆଦିଲ୍ଲୀ, ୧୩/୮: ଲଦାଖର ଲେହଠାରେ ଗୁରୁବାର ସକାଳେ ଏକ ବଡ଼ଧରଣର ଭୂକମ୍ପ ଅନୁଭୂତ ହୋଇଛି । ସକାଳ ପ୍ରାୟ ୬ଟା ୫ ମିନିଟ୍ ସମୟରେ ହଠାତ୍ ଭୂକମ୍ପ ହେବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର (ଘଉଝ)ର ସୂଚନା ଅନୁସାରେ, ରିକ୍ଟର ସ୍କେଲରେ ଏହି ଭୂକମ୍ପର ପ୍ରବଳତା ୫.୫ ରେକର୍ଡ କରାଯାଇଛି । ଭୂପୃଷ୍ଠରୁ ପ୍ରାୟ ୧୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ ରହିଥିଲା । ଏହାର କେନ୍ଦ୍ର ୩୬.୮୧ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୭୪.୪୦୨ ଡିଗ୍ରୀ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ ଥିଲା । ଲୋକମାନେ ସକାଳେ ନିଜ ନିଜ ଘରେ ଶୋଇଥିବା ସମୟରେ ହଠାତ୍ ତୀବ୍ର ଝଟକା ଅନୁଭୂତ ହୋଇଥିଲା । କମ୍ପନ ଏତେ ଜୋର୍ରେ ଥିଲା ଯେ ଲୋକଙ୍କ ନିଦ ଭାଙ୍ଗିଯାଇଥିଲା ଏବଂ ଭୟଭୀତ ହୋଇ ସେମାନେ ଘରୁ ବାହାରକୁ ଦୌଡ଼ି ଆସି ରାସ୍ତା ଉପରେ ଏକାଠି ହୋଇଥିଲେ । ତେବେ ଏପର୍ଯ୍ୟନ୍ତ କୌଣସି ପ୍ରକାରର କ୍ଷୟକ୍ଷତି ବା ଜୀବନହାନି ହୋଇଥିବା ନେଇ କୌଣସି ସୂଚନା ମିଳିନାହିଁ । ବିଶେଷଜ୍ଞଙ୍କ ମତରେ, ୭.୦ କିମ୍ବା ତା'ଠାରୁ ଅଧିକ ପ୍ରବଳତା ଥିବା ଭୂକମ୍ପକୁ ଅତ୍ୟନ୍ତ ବିପଦଜନକ ଶ୍ରେଣୀରେ ରଖାଯାଏ । ସେହିପରି ୨.୦ କିମ୍ବା ତା' ଠାରୁ କମ୍ ପ୍ରବଳତାକୁ ମାଇକ୍ରୋ ଭୂକମ୍ପ କୁହାଯାଏ, ଯାହା ସାଧାରଣତଃ ଲୋକେ ଅନୁଭବ ମଧ୍ୟ କରିପାରନ୍ତି ନାହିଁ । ୪.୫ କିମ୍ବା ତା'ଠାରୁ ଅଧିକ ପ୍ରବଳତା ବିଶିଷ୍ଟ ଭୂକମ୍ପକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ । ଏହି ମାତ୍ରାର ଭୂକମ୍ପ ଘର ଏବଂ ବଡ଼ ବଡ଼ କୋଠାବାଡ଼ିଗୁଡ଼ିକୁ କ୍ଷତି ପହଚାଂଇବାର କ୍ଷମତା ରଖିଥାଏ । ଗତ କିଛି ଦିନ ହେବ ଦେଶର ବିଭିନ୍ନ ସ୍ଥାନରେ ବାରମ୍ବାର ଭୂକମ୍ପର ଝଟକା ଅନୁଭୂତ ହେଉଥିବା ଦେଖିବାକୁ ମିଳୁଛି । ଗତ ଅଗଷ୍ଟ ୮ ତାରିଖରାତି ପ୍ରାୟ ୧୦ଟା ୫୯ ମିନିଟ୍ ସମୟରେ ମହାରାଷ୍ଟ୍ରର ନାଶିକ ଜିଲ୍ଲାରେ ୪.୩ ପ୍ରବଳତାର ଭୂକମ୍ପ ଆସିଥିଲା । ଏହାର କେନ୍ଦ୍ରସ୍ଥଳ ଭୂପୃଷ୍ଠରୁ ୫ କିଲୋମିଟର ଗଭୀରରେ ଥିଲା । ସେହିପରି ଅଗଷ୍ଟ ୨ ତାରିଖ ଭୋର ସମୟରେ ଦିଲ୍ଲୀ-ଏନସିଆର୍ ଅଞ୍ଚଳରେ ୨.୯ ପ୍ରବଳତାର ଏକ ହାଲୁକା ଭୂକମ୍ପ ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ର ଦିଲ୍ଲୀର ଉତ୍ତର ଜିଲ୍ଲା ରହିଥିଲା ।

# ରୁଷ୍‌ର କ୍ଷେପଣାସ୍ତ୍ର ମାଡ଼; ୟୁକ୍ରେନ୍‌ରେ ୧୨ ମୃତ



କିଭ୍,୧୩/୮: ୟୁକ୍ରେନ ଉପରେ ପୁନର୍ବାର ରୁଷ୍ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। କିଭ୍ ପ୍ରଶାସନ ତରଫରୁ ମିଳିଥିବା ସୂଚନାନୁଯାୟୀ ମଙ୍ଗଳବାର ରାତିସାରା ହୋଇଥିବା ଆକ୍ରମଣରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ବହୁ ଲୋକ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ମସ୍କୋ ଉତର କୋରିଆର କ୍ଷେପଣାସ୍ତ୍ର ବ୍ୟବହାର କରିଥିବା କିଭ୍ ଅଭିଯୋଗ କରିଛି। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ପୂର୍ବରୁ କହିଥିଲେ ଯେ ମସ୍କୋ ନିଜ ସହଯୋଗୀ ଉତ୍ତର କୋରିଆ ଠାରୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ସୈନ୍ୟ ପାଉଛି। ରୁଷର ଲକ୍ଷ୍ୟ ହେଉଛି କିଭ୍‌ର ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ଇଟଂରସେପ୍ଟର ଅଭାବର ସୁଯୋଗ ନେଇ ଧ୍ୱଂସ ରଚିବା। ଯୁଦ୍ଧ ସମାପ୍ତ କରିବା ପାଇଁ ଆମେରିକାର ପ୍ରୟାସ ବିଫଳ ହେବା ଏବଂ ଆମେରିକା ସରକାର ଇରାନ ଯୁଦ୍ଧ ଉପରେ ଧ୍ୟାନ ଦେବା ପରେ ସ୍ଥିତି ଅଧିକ ଗୁରୁତର ହୋଇଛି। ଏପରି ସ୍ଥିତିରେ ୟୁକ୍ରେନକୁ ରୁଷ ଆକ୍ରମଣକୁ ରୋକିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରୁଷର ସାମ୍ପ୍ରତିକ ଆକ୍ରମଣରେ ଦକ୍ଷିଣ-ପୂର୍ବ ସହର ଜାପୋରିଝିଆ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ସେଠାରେ ଛଅ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ୧୯ ଜଣ ଆହତ ହୋଇଛନ୍ତି। ଏହି ସହର ଉପରେ ଉତ୍ତର କୋରିଆର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, ଜିରକନ୍ କ୍ଷେପଣାସ୍ତ୍ର ଏବଂ ଗାଇଡେଡ୍ ଏରିଆଲ୍ ବୋମା ଆକ୍ରମଣ କରାଯାଇଛି। ଏହି ଆକ୍ରମଣରେ ବିଶେଷ ଭାବରେ ଭିତ୍ତିଭୂମିକୁ ଟାର୍ଗେଟ କରାଯାଇଥିଲା ବୋଲି ଜେଲେନସ୍କି କହିଛନ୍ତି। ୟୁକ୍ରେନ ଅଧିକାରୀମାନେ କହିଛନ୍ତି ଯେ ନିପ୍ରୋପେଟ୍ରୋଭସ୍କ ଏବଂ ଡୋନେଟସ୍କ ଅଟଂଳରେ ହୋଇଥିବା ରାତିସାରା ଆକ୍ରମଣରେ ଛଅ ଜଣଙ୍କର ମୃତ୍ୟୁ ଘଟିଛି। ରାଜଧାନୀ କିଭ୍‌ରେ ଏକ ସଂକ୍ରାମକ ରୋଗ ହସ୍ପିଟାଲ ଉପରେ ଆକ୍ରମଣ କରାଯାଇଛି। ଖେରସନ ଏବଂ ଖାରକିଭ୍ ସହର ଉପରେ ଆକ୍ରମଣ ଯୋଗୁଁ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି।

## ନାନ୍ଦେଦ ଗୁରୁଦ୍ୱାରରେ ସୁଖବୀର ବାଦଲଙ୍କୁ ଆକ୍ରମଣ

ନାନ୍ଦେଦ,୧୩/୮: ମହାରାଷ୍ଟ୍ରର ନାନ୍ଦେଦସ୍ଥିତ ମାତା ସାହିବ କୌର ଗୁରୁଦ୍ୱାର ପରିସରରେ ଗୁରୁବାର ଶିରୋମଣି ଅକାଳୀ ଦଳ ମୁଖ୍ୟ ତଥା ପୂର୍ବତନ ପଞ୍ଜାବ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରେ ଆକ୍ରମଣ ହୋଇଛି। ସୂଚନା ଅନୁଯାୟୀ, ବାଦଲ ନାନ୍ଦେଦରେ ପହଚିଂବାର କିଛି ସମୟ ପରେ ସକାଳ ପ୍ରାୟ ୧୧ଟାରେ ଏହି ଘଟଣା ଘଟିଥିଲା। ଆକ୍ରମଣରେ ତାଙ୍କ ଡାହାଣ ହାତରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ତାଙ୍କୁ ଚିକିତ୍ସା ପାଇଁ ଯଶୋସାଇ ହସ୍ପିଟାଲକୁ ନିଆଯାଇଛି। ସେ ବିପଦମୁକ୍ତ ଥିବା ସୂଚନା ମିଳିଛି। ଆକ୍ରମଣ ସମୟରେ ବାଦଲଙ୍କ ସୁରକ୍ଷାରେ ନିୟୋଜିତ ଇନ୍ସପେକ୍ଟର ସନ୍ତୋଷ କେନ୍ଦ୍ରେ ମଧ୍ୟ ଆକ୍ରମଣକାରୀଙ୍କୁ ରୋକିବାକୁ ଉଦ୍ୟମ କରି ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ପୁଲିସ ତୁରନ୍ତ ଆକ୍ରମଣକାରୀଙ୍କୁ ଅଟକ ରଖିଛି। ତାଙ୍କୁ ପଚରାଉଚରା କରାଯିବା ସହ ଆକ୍ରମଣର କାରଣ ଓ ଘଟଣାର ସମ୍ପୂର୍ଣ୍ଣ ପରିସ୍ଥିତି ନେଇ ତଦନ୍ତ ଜାରି ରହିଛି। ସୁଖବୀର ସିଂହ ବାଦଲ ପୂର୍ବତନ ପଞ୍ଜାବ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂହ ବାଦଲଙ୍କ ପୁଅ। ତାଙ୍କ ଉପରେ ଏହା ପ୍ରଥମ ଆକ୍ରମଣ ନୁହେଁ। ୨୦୨୪ ଡିସେମ୍ବରରେ ଅମୃତସର ସ୍ୱର୍ଣ୍ଣ ମନ୍ଦିର ନିକଟରେ ତାଙ୍କ ଉପରେ ଗୁଳି ଚଳାଇବାର ଉଦ୍ୟମ ହୋଇଥିଲା।

### ଜାତୀୟ ରାଜପଥରେ ହୁତୁହୁତୁ ହୋଇ ଜଳିଗଲା କାର
## ଅଳ୍ପକେ ବର୍ତ୍ତିଲେ ୪ ଯାତ୍ରୀ



ପୁରୁଣାକଟକ,୧୩/୮(ନି/ପ୍ର): ବୌଦ୍ଧଜିଲ୍ଲା ଆଦର୍ଶ ଥାନା ରାଧାନଗର ଗ୍ରାମ ପଚାଂୟତ ଅନ୍ତର୍ଗତ ଲାଣ୍ଡିବନ୍ଧ ଏକ ହୋଟେଲ ନିକଟରେ ୫୭ ନମ୍ବର ଜାତୀୟ ରାଜପଥ ଉପରେ ଗତ ବିଳମ୍ବିତ ରାତ୍ରିରେ ଜଳିଗଲା କାର, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ । ସୂଚନା ଅନୁଯାୟୀ ବାଲେଶ୍ୱରରୁ ସମ୍ବଲପୁର ଅଭିମୁଖେ ଜାତୀୟ ରାଜପଥ ଦେଇ ଯାଉଥିବାବେଳେ ଏକ କାର ଲାଣ୍ଡିବନ୍ଧ ସ୍ଥିତ ଏକ ହୋଟେଲ ନିକଟରେ ବିଳମ୍ବିତ ରାତ୍ରିରେ ସମସ୍ତ ୪ ଜଣ ଯାତ୍ରୀ ପରିସ୍ରା ପାଇଁ ଓହ୍ଲାଇଥିଲେ । ହଠାତ ଗାଡିରେ ନିଆଁ ଲାଗି ଜଳିବା ଆରମ୍ଭ କରିଥିଲା କାର । ଚାହୁଁ ଚାହୁଁ ହୁତୁହୁତୁ ହୋଇ ଜଳିଥିଲା କାର । ସଟସର୍କିଟରୁ କାର ଜଳି ଯାଇଥିବା ଅନୁମାନ କରାଯାଉଥିବାବେଳେ କିଛି ସମୟ ପାଇଁ ଜାତୀୟ ରାଜପଥ ଅବରୋଧ ହୋଇଥିଲା । ସମସ୍ତ ଯାତ୍ରୀମାନେ ସୁରକ୍ଷିତ ଥିବାବେଳେ ତାଙ୍କର ସମ୍ପୂର୍ଣ୍ଣ ପରିଚୟ ମିଳିପାରିନାହିଁ। ସେପଟେ ବୌଦ୍ଧ ଆଦର୍ଶ ଥାନା ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଥିବା ସୂଚନା ମିଳିଛି ।

## ୫୫ଜଣ ପୁଲିସ୍ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କ, ପଦକ ଓ ମାନପତ୍ର ପ୍ରଦାନ କଲେ ଡିଜିପି



ଭୁବନେଶ୍ୱର,୧୩/୮(ନି/ପ୍ର): ଭୁବନେଶ୍ୱରସ୍ଥିତ ପୁଲିସ୍ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଡିଜିପି ୱାଇ ବି ଖୁରାନିଆ ୫୫ଜଣ ପୁଲିସ୍ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କ ପ୍ରଦାନ କରି ସମ୍ମାନିତ କରିଛନ୍ତି । ପୁଲିସ୍ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ନିମନ୍ତେ ଡିଜିପି ଶ୍ରୀ ଖୁରାନିଆ ଏହି ପଦକ ଓ ମାନପତ୍ର ପ୍ରଦାନ କରିଥିଲେ । ପଦକ ପ୍ରାପ୍ତଙ୍କ ମଧ୍ୟରେ ଏସ୍‌ସିଆରବି ନିର୍ଦ୍ଦେଶକ ଅବିନାଶ କୁମାର, କ୍ରାଇମ୍ବ୍ରାଂଚ ଡିଆଇଜି ବି. ଗଙ୍ଗାଧର, ବ୍ରହ୍ମପୁର ଏସପି ଡ. ଶ୍ରବଣ ବିବେକ ଏମ୍, ଅନୁଗୁଳ ଏସ୍‌ପି ରାହୁଲ ଜୈନ, ନୟାଗଡ଼ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ ଏସ୍‌ପି ହରିଶ ବି. ସି, ଜଗତସିଂପୁର ଏସ୍‌ପି ଅଙ୍କିତ କୁମାର ବର୍ମା, ନବରଙ୍ଗପୁର ଏସ୍‌ପି କାଶ୍ୟପ ପାର୍ଥ ଜଗଦୀଶ, ବୌଦ୍ଧ ଏସ୍‌ପି କୁଳଦୀପ ମୀନା, ଏସ୍‌ଡିପିଓ ଆର. ଉଦୟଗିରି ରାକେଶ କୁମାର ସାହୁ, କମାଣ୍ଡାଟଂ (ତୃତୀୟ ଆଇଆରବିନ, କଳିଙ୍ଗ ନଗର) ୟାକୁବ ଖାନ୍‌ଙ୍କ ସହିତ ୩ ଜଣ ଅତିରିକ୍ତ ଏସ୍‌ପି, ୨ ଜଣ ଡେପୁଟି କମାଣ୍ଡାଟଂ, ୩ ଜଣ ଡିଏସ୍‌ପି, ଜଣେ ଆସିଟାଂଣ୍ଡ କମାଣ୍ଡାଟଂ, ୮ ଜଣ ଇନ୍ସପେକ୍ଟର, ୪ ଜଣ ସବ୍-ଇନ୍ସପେକ୍ଟର, ୪ ଜଣ ଆସିଷ୍ଟାଟଂ ସବ୍-ଇନ୍ସପେକ୍ଟର, ୫ ଜଣ ହାବିଲଦାର, ଜଣେ ଡ୍ରାଇଭର ଓ ୧୩ ଜଣ କନଷ୍ଟେବଳ /ଓଏପିଏଫ୍/ ସିପାହୀଙ୍କୁ ପଦକ ଦିଆଯାଇଥିଲା । କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ନିମନ୍ତେ ୯୧ତମ ଓଡ଼ିଶା ପୁଲିସ୍ ପ୍ରତିଷ୍ଠା ଦିବସ ଅବସରରେ ଉପରୋକ୍ତ ଅଧିକାରୀ ଓ କର୍ମଚାରୀଙ୍କ ନାମ ଘୋଷଣା କରାଯାଇଥିଲା । ଆଧୁନିକୀକରଣ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା ।

## ବଢ଼ିଲା ଛେନା, ପନିର୍ ଦର

ଭୁବନେଶ୍ୱର,୧୩/୮(ନି/ପ୍ର): କ୍ଷୀର ଦର ବୃଦ୍ଧି ଯୋଗୁଁ ଛେନା ଓ ପନିର୍ ଦର ବୃଦ୍ଧି ହୋଇଛି। ଏନେଇ ଭୁବନେଶ୍ୱର ଦୁଗ୍ଧଜାତୀୟ ବ୍ୟବସାୟୀ ସୁରକ୍ଷା ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିବା ବେଳେ ବିଭିନ୍ନ ବ୍ୟବସାୟୀ ତଥା ମିଷ୍ଟାନ୍ନ ଦୋକାନକୁ ସୂଚିତ କରାଯାଇଛି। ଆସନ୍ତା ୧୫ ତାରିଖରୁ ନୂଆ ବର୍ଦ୍ଧିତ ଦର ଲାଗୁ କରାଯିବ। କ୍ଷୀର ଲିଟର ପିଛା ୪ ଟଙ୍କା ଅଧିକ ଦେଇ ସଂଗ୍ରହ କରାଯାଉଛି। ଗୋ-ଖାଦ୍ୟର ଦର ମଧ୍ୟ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ଉଭୟ ଛେନା ଓ ପନିରର ଦର ବୃଦ୍ଧି କରାଯାଇଥିବା ସଂଘ ସଭାପତି ନବକିଶୋର ବେହେରା ଓ ସମ୍ପାଦକ ଦିଲୀପ ବେହେରା ଜଣାଇଛନ୍ତି। ପୂର୍ବରୁ ଛେନା କେଜି ପ୍ରତି ୨୧୫ଟଙ୍କା ଥିବା ବେଳେ ୨୦ଟଙ୍କା ବୃଦ୍ଧି ପାଇ ୨୩୫ଟଙ୍କା ଏବଂ ପନିର କେଜି ପ୍ରତି ୨୬୦ଟଙ୍କା ଥିବା ବେଳେ ୩୦ଟଙ୍କା ବୃଦ୍ଧି ପାଇ ୨୯୦ ଟଙ୍କାରେ ପହଚିଂଛି।

# ବାସ୍ତବତା ବଦଳି ନାହିଁ :
### ଟ୍ରମ୍ପଙ୍କ ହର୍ମୁଜ୍ ନିୟନ୍ତ୍ରଣ ଦାବି ନେଇ କଡ଼ା ଜବାବ ଦେଲା ଇରାନ



ତେହେରାନ,୧୩/୮: ଆମେରିକାର ହର୍ମୁଜ୍ ପ୍ରଣାଳୀ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥିବା ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ଇରାନ ଖଣ୍ଡନ କରି କରିଛି। ଇରାନ କଡ଼ା ଜବାବ ଦେଇ କହିଛି ହର୍ମୁଜ୍ ବନ୍ଦ ରହିଛି ଏବଂ ତେହରାନର ସର୍ତ୍ତ ପୂରଣ ନହେବା ପର୍ଯ୍ୟନ୍ତ ଏହା ଖୋଲିବ ନାହିଁ। ପର୍ସିଆନ୍ ଗଲ୍ଫ ଷ୍ଟ୍ରେଟ୍ ଅଥରିଟି (ପିଜିଏସଏ)ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ କହିଛି ଯେ ଟ୍ରମ୍ପଙ୍କ ଦାବି ଏବଂ ଆମେରିକୀୟ ଅଧିକାରୀଙ୍କ ବାରମ୍ବାର ମନ୍ତବ୍ୟ ପରିସ୍ଥିତିରେ କୌଣସି ପରିବର୍ତ୍ତନ କରିନାହିଁ। ସେମାନେ ଦାବି କରୁଛନ୍ତି ହର୍ମୁଜ୍ ଷ୍ଟ୍ରେଟ୍ ଖୋଲା ରହିଛି। ଏଭଳି ମନ୍ତବ୍ୟ ଦେବା ଦ୍ୱାରା ବାସ୍ତବତା କେବେ ମଧ୍ୟ ବଳିଯିବ ନାହିଁ। ହର୍ମୁଜ୍ ବନ୍ଦ ରହିଛି ଏବଂ ଇରାନର ସର୍ତ୍ତ ପୂରଣ ନହେବା ପର୍ଯ୍ୟନ୍ତ ଆଉ ଖୋଲା ଯିବ ନାହିଁ। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଦାବି କରିବା ପରେ ଇରାନର ଏହି ମନ୍ତବ୍ୟ ଆସିଛି। ଆମେରିକାର ହର୍ମୁଜ୍ ପ୍ରଣାଳୀ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅଛି ଏବଂ ଏହାକୁ ବଜାୟ ରଖାଯିବ ବୋଲି ଟ୍ରମ୍ପ କହିଥିଲେ।




କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# କେନ୍ଦୁଝରରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ:



କେନ୍ଦୁଝର,୧୩/୮(ନି/ପ୍ର):'ଘରେ ଘରେ ତ୍ରିରଙ୍ଗା' ଅଭିଯାନକୁ ଜିଲ୍ଲାରେ ଅତ୍ୟନ୍ତ ଆଡ଼ମ୍ବର ଓ ଦେଶଭକ୍ତିର ମାହୋଲ ମଧ୍ୟରେ ପାଳନ କରିବା ପାଇଁ କେନ୍ଦୁଝର ଦରବାର ହଲ୍ ?ଠାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମନ୍ଦରଧର ମହାଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାବ୍ୟାପୀ ବ୍ୟାପକ କାର୍ଯ୍ୟସୂଚୀକୁ ଚୂଡ଼ାନ୍ତ ରୂପ ଦିଆଯାଇଛି।ସ୍ଥାନୀୟ ନୋଡାଲ ଅଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଂସ୍କୃତିକ, କ୍ରୀଡ଼ା ଏବଂ ସ୍ମାରକୀ କାର୍ଯ୍ୟକ୍ରମ ସମୂହକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବ୍ୟାପକ ରୂପରେଖ ପ୍ରସ୍ତୁତ କରାଯାଇଛି। ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସପିଂ ମଲ୍, ରେଳ ଷ୍ଟେସନ ଏବଂ ଚିକିତ୍ସାଳୟଗୁଡ଼ିକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯିବ। ଅଗଷ୍ଟ ୧୪ ଓ ୧୫ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର 'ତ୍ରିରଙ୍ଗା ଏବଂ ବିଭାଜନ ବିଭୀଷିକା' ପ୍ରଦର୍ଶନୀ ଆୟୋଜିତ ହେବ। ଅଗଷ୍ଟ ୧୨ ତାରିଖ ପୂର୍ବାହ୍ନ ୯ :୩୦ ମିନିଟ୍‌ରେ କେନ୍ଦୁଝର ଷ୍ଟାଡିୟମ୍‌ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଜିଲ୍ଲାସ୍ତରୀୟ ସାଇକେଲ ରାଲି ଅନୁଷ୍ଠିତ ହେବ। ପରଦିନ, ଅର୍ଥାତ୍ ଅଗଷ୍ଟ ୧୩ ତାରିଖ ପୂର୍ବାହ୍ନ ୯ :୩୦ ରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଏକ ବିଶାଳ ତ୍ରିରଙ୍ଗା ପରେଡ୍ ସହ ସାମୂହିକ ଜାତୀୟ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ରହିଛି।ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷାନୁଷ୍ଠାନ ପ୍ରମୁଖଙ୍କ ଦ୍ୱାରା ନିର୍ଦ୍ଧାରିତ ତିଥିରେ 'ବନ୍ଦେ ମାତରମ୍' ର ସାମୂହିକ ଗାନ, ଅନଲାଇନ୍ କୁଇଜ୍ ଏବଂ 'ଜାତୀୟ ପତାକା ବିକାଶ ଯାତ୍ରା' ପ୍ରଦର୍ଶନୀ ଅନୁଷ୍ଠିତ ହେବ। ସେହିପରି ବ୍ଲକ୍ ଓ ଗ୍ରାମପଚାଂୟତ ସ୍ତରରେ ମଧ୍ୟ ସ୍ଥାନୀୟ ସାଇକେଲ ରାଲି ଏବଂ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯିବ।ବିଭାଜନ ବିଭୀଷିକା ସ୍ମୃତି ଦିବସ' ଅବସରରେ ଅଗଷ୍ଟ ୧୪ ଓ ୧୫ ତାରିଖ ସନ୍ଧ୍ୟା ୬:୩୦ ରେ ଧରଣୀଧର ବିଶ୍ୱବିଦ୍ୟାଳୟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିବ।ଅଗଷ୍ଟ ୧୫ ତାରିଖ ଅପରାହ୍ନ ୨ :୩୦ ରେ ଜିଲ୍ଲା ସଂସ୍କୃତି ଭବନଠାରେ କବିତା ପାଠ ଓ ବକ୍ତୃତା ଉତ୍ସବ, ବିକାଶଶୀଳ କ୍ରୀଡ଼ା ଭିତିଭୂମି ଅଧୀନରେ ୪:୦୦ ଘଟିକାରେ ଧରଣୀଧର କ୍ରୀଡ଼ା ପ୍ରାଙ୍ଗଣ (ଶଙ୍କରପୁର) ଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ପ୍ରତିଯୋଗିତା ଏବଂ ସନ୍ଧ୍ୟା ୬:୦୦ ରେ ଜିଲ୍ଲା ସଂସ୍କୃତି ଭବନରେ ଦେଶଭକ୍ତିମୂଳକ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହେବ। ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଲିକ ସମସ୍ତ ସରକାରୀ ବିଭାଗ, ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ ବ୍ଲକ୍ ଉନ୍ନୟନ ଅଧିକାରୀ ଏବଂ ପୌରପାଳିକାର ନିର୍ବାହୀ ଅଧିକାରୀମାନଙ୍କୁ ସୁଚାରୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସର୍ବାଧିକ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ନ୍ୟସ୍ତ କରାଯାଇଛି।

## ଚମ୍ପୁଆ ଉପକାରାଗାରରେ ପଶିଲେ ହାତୀପଲ

ଚମ୍ପୁଆ,୧୩/୮(ନି/ପ୍ର): ଗତ ଦୁଇ ଦିନ ତଳେ ଚମ୍ପୁଆ ରେଞ୍ଜର ବାଲିବନ୍ଧ ସେକ୍ସନରୁ ଚମ୍ପୁଆ ସେକ୍ସନକୁ ପଶିଆସିଥିବା ୧୮ ଟିକିଆ ହାତୀ ପଲ ଗତରାତି ଶଶାଙ୍ଗ ବୈତରଣୀ କୂଳରେ ପହଂଚି ଥିଲେ । ବୈତରଣୀ ନଦୀ ପାର ହୋଇ ମୟୂରଭଞ୍ଜ ଯିବାକୁ ଉଦ୍ୟମ ମଧ୍ୟ କରିଥିଲେ। ମାତ୍ର ବୈତରଣୀ ନଦୀ ବଢ଼ି ଯୋଗୁଁ ନଦୀ ପାର ହୋଇ ନପାରି ହାତୀ ପଲ ନଦୀ କୂଳେ କୂଳେ ଚମ୍ପୁଆ ଏନ୍ଏସି କୁ ପଶି ଆସିଥିଲେ। ଚମ୍ପୁଆ ଏଗାର ନମ୍ବର ୱାର୍ଡ ଗଉଡ ସାହି ମଧ୍ୟ ଦେଇ ହାତୀ ପଲ ଚମ୍ପୁଆ ବସଷ୍ଟାଣ୍ଡରେ ପଶି ଆସିଥିଲେ। ଆଜି ପାହାନ୍ତା ପ୍ରାୟ ୩ ଟା ବେଳେ ଚମ୍ପୁଆ ବସଷ୍ଟାଣ୍ଡ ରେ ପଶି ଆସିଥିଲେ । ହାତୀ ପଲ ଦୀର୍ଘ ଦୁଇ ଘଟାଂରୁ ଅଧିକ ସମୟ ଚମ୍ପୁଆ ବସଷ୍ଟାଣ୍ଡ ଅଚଂଳରେ ରହିବା ପରେ ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ହାତୀଙ୍କୁ ଘଉଡେଇବାରୁ ହାତୀ ପଲ ରାମଲା ଗାଁ ମଧ୍ୟ ଦେଇ ଶଶାଙ୍ଗ ଜଙ୍ଗଲକୁ ଚାଲିଯାଇଛନ୍ତି । ଦୀର୍ଘ ଦୁଇ ଘଟାଂ ଚମ୍ପୁଆ ବସଷ୍ଟାଣ୍ଡ ଆଖପାଖ ଅଚଂଳରେ ହାତୀପଲ ଘୁରି ବୁଲୁଥିବା ବେଳେ ତାରବାଡ଼ ଭାଙ୍ଗି ଉପ କାରାଗାର ପରିସରରେ ପଶି ବ୍ୟାପକ କ୍ଷୟକ୍ଷତି କରିବା ପରେ ପୁଣି ବଜାର ମଧ୍ୟରେ ପ୍ରବେଶ କରିଥିଲେ। ଯଦିଓ ହାତୀ ପଲ ଚମ୍ପୁଆରେ ଅନ୍ୟ କୈଣସି କ୍ଷୟକ୍ଷତି କରିନାହାନ୍ତି ବାଟରେ ଫେରିବା ବେଳେ ରାମଲା ଗାଁରେ ଗୋଟିଏ ଘର ଭାଙ୍ଗିଥିବା ଜଣା ପଡିଛି । ବନ ବିଭାଗର ଦୀର୍ଘ ସମୟ ଉଦ୍ୟମ ପରେ ହାତୀ ପଲ ରାମଲା ମଧ୍ୟ ଦେଇ ପୁଣି ଶଶାଙ୍କ ଜଙ୍ଗଲକୁ ଚାଲିଯାଇଛନ୍ତି।

## ଚାଳକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ମୁଖ୍ୟମନ୍ତ୍ରୀ ବସ ସେବା ପ୍ରଭାବିତ

ଚମ୍ପୁଆ,୧୩/୮(ନି/ପ୍ର): କେନ୍ଦୁଝର ଜିଲ୍ଲାରେ ଚମ୍ପୁଆ ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀ ବସ ସେବା ଚାଳକମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀ ବସ ସେବା ପ୍ରଭାବିତ ହୋଇଛି। ବ୍ଲକ୍‌ରେ ଚଳାଚଳ କରୁଥିବା ପାଂଚଟି ମୁଖ୍ୟମନ୍ତ୍ରୀ ବସ୍ ବନ୍ଦ ଯୋଗୁ ଗ୍ରାମାଂଚଳ ଯାତ୍ରୀମାନେ ହୋଇରାଣର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ବସ ଗୁଡ଼ିକୁ ଚଳାଉ ଥିବା ଭେଣ୍ଡର କମ୍ପାନୀ କୁନାଲ ଟ୍ରାନ୍ସପୋର୍ଟ ଠିକ୍ ସମୟରେ ଚାଳକ ମାନଙ୍କୁ ଦରମା ଦେଉ ନଥିବା, ପ୍ରତିଶ୍ରୁତି ଅନୁସାରେ ବାର୍ଷିକ ଦରମା ରେ ଦଶ ପ୍ରତିଶତ ବୃଦ୍ଧି ନେଇ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଏବଂ ଓଭର ଟାଇମ୍ ର ପେମେଂଟ କରୁନଥିବାରୁ ଏହାର ପ୍ରତିବାଦ କରି ଆଜି ଠାରୁ ଚାଳକମାନେ କାର୍ଯ୍ୟବନ୍ଦ ଡାକରା ଦେଇଥିଲେ। ତେବେ ଭେଣ୍ଡର କମ୍ପାନୀ ସଙ୍ଗେ ଆଲୋଚନା ପରେ କମ୍ପାନୀ ଅତିଶୀଘ୍ର ଚାଳକମାନଙ୍କ ଦାବୀ ପୂରଣ ପାଇଁ ପ୍ରତିଶ୍ରୁତି ଦେବାରୁ ଦିନ ଦୁଇଟା ସମୟ ରେ ବସ ସେବା ସ୍ୱାଭାବିକ ହୋଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ପୁଣି ଥରେ କାର୍ଯ୍ୟବନ୍ଦ ଆନ୍ଦୋଳନ ରେ ବସିବାକୁ ବାଧ୍ୟ ହେବେ ବୋଲି ଚାଳକମାନେ ଚେତାବନୀ ଦେଇଛନ୍ତି।

## ନଦୀ ପଠାରେ ଫଶିଥିବା ଯୁବକଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ଭୁବନ,୧୩/୮(ନି/ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମାର୍ଥାପୁର ପଂଚାୟତ ଗୋବିନ୍ଦପୁର ଗ୍ରାମରେ ଜନୈକ ଯୁବକ କାଠ ଆଣିବାକୁ ଯାଇ ନଦୀ କୁଦରେ ଫଶି ଯାଇଥିଲେ। ଅଜି ସକାଳ ସମୟରେ ଗୋବିନ୍ଦପୁର ଗ୍ରାମର ଦୁଇ ଯୁବକ ମିଥୁନ ମଲିକ୍ ଓ ଦେବାଶିଷ ଦାସ ବନ୍ୟାରେ ବ୍ରାହ୍ମଣୀ ନଦୀରେ କାଠ ଆସୁଥିବା ଜାଣି ନଦୀକୁ ଯାଇଥିଲେ ଓ କିଛି ସମୟ ଭିତରେ ନଦୀରେ ମାତ୍ରାଧିକ ପାଣି ଆସିବାରୁ ଚତୁଃପାର୍ଶ୍ୱରେ ପାଣି ଘେରି ଯାଇଥିଲା ଓ ଦୁଇ ଜଣ ରହିଯାଇଥିଲେ । ମିଥୁନ ସାହସ କରି ପହଁରି ଆସିଥିବା ବେଳେ ଅନ୍ୟ ଜଣକ ଆସିପାରି ନଥିଲେ । କୁଦରେ ଜଣେ ରହିଯାଇଥିବା ସମ୍ପର୍କରେ ଲୋକଙ୍କୁ କହିବା ସହ ଅଗ୍ନିଶମ ବାହିନୀଙ୍କୁ ଫୋନ କରି ଜଣାଇଥିଲେ । ଘଟଣାସ୍ଥଳରେ ଭୁବନ ଅଗ୍ନିଶମ ବାହିନୀ ପହଂଚି ବୋଟ ସାହାଯ୍ୟରେ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଏହି ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବାହିନୀର ମୁଖ୍ୟ ଅଗ୍ନି ଯୋଦ୍ଧା ସୁଶାନ୍ତ କୁମାର ରାଉତ, ଜିତେନ୍ଦ୍ର କୁମାର ସ୍ୱାଇଁ, ରାଜ କିଶୋର ମହାନ୍ତି, ମୁନା ସାହୁ, ଅଖିଳ ମୋହନ ପରିଡା, ଅଲେଖ ରାଉତ, ମାନସ ରଞ୍ଜନ ବେହେରା ଓ ସ୍ଥାନୀୟ ଲୋକ ସହଯୋଗ କରିଥିଲେ।

## ଜବରଦଖଲ ଉଚ୍ଛେଦ ପାଇଁ ରାଣିଗୋଡା ପଚାଂୟତ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ




ଅନୁଗୋଳ,୧୩/୮(ନି/ପ୍ର): ସହର ଉପକଣ୍ଠ ରାଣୀଗୋଡାର ଗ୍ରାମ ପଚାଂୟତର ପ୍ରାୟ ଏକ ହଜାର ରୁ ଅଧିକ ମହିଳା ଓ ପୁରୁଷ ଗ୍ରାମବାସୀ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୯ ଘଟାଂ ସମୟରେ ମା' ବୁଢୀ ଠାକୁରାଣୀଙ୍କ ଦର୍ଶନ ଲାଭ ପରେ ଅନୁଗୋଳ ସହର ପରିକ୍ରମା ହରିମହୁରୀ ଛକ, ବଜାର ଛକ, ମେଡିକାଲ ଫାଟକ, ପୁରୁଣା ବସଷ୍ଟାଣ୍ଡ, କାଂଚନ ଟକିଜ ଛକ ଏବଂ ଥାନା ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫାଟକ ନିକଟରେ ପହଂଚି ଥିଲେ । ଗ୍ରାମବାସୀଙ୍କ ତରଫରୁ ସରପଚଂ ଶ୍ରୀ ପ୍ରକାଶ ଚନ୍ଦ୍ର ଦେହୁରୀଙ୍କ ନେତୃତ୍ୱରେ ଏକ ୨୦ ଜଣିଆ ଦଳ ରାଣୀଗୋଡା ଜଙ୍ଗଲ ମୌଜା ଖାତା ନମ୍ବର ୫୪୭ ଏରିଆ ୪୧ ଏକର ୧୨ ଡିସିମିଲ ଜାଗା ଜବର ଦଖଲ ମୁକ୍ତ କରିବା ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ।ଜିଲ୍ଲାପାଳ ଦାବୀପତ୍ର ଗ୍ରହଣ କରି ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟକୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ବାଂସୁରୀ ଟ୍ରାଡିସନାଲ ଝୁମର ମେଲୋଡି ଗ୍ରୁପ୍‌ର ଶୁଭ ଉଦ୍‌ଘାଟନ

ଚମ୍ପୁଆ,୧୩/୮(ନି/ପ୍ର): ଚମ୍ପୁଆ ଝୁମର ସଙ୍ଗୀତ ଓ ଲୋକକଳାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏକ ଝୁମର ମେଲୋଡିର ଶୁଭ ଉଦଘାଟନ ହୋଇଯାଇଛି। ଏହି ଗ୍ରୁପ୍‌ର ନାମ 'ବାଂସୁରୀ ଟ୍ରାଡିସନାଲ ଝୁମର ମେଲୋଡି' ରଖାଯାଇଛି। ଏହି ଅବସରରେ ଧଳାଡିହିର ଧବଳେଶ୍ୱର ପୀଠରେ ଧାର୍ମିକ ରୀତିନୀତି ଓ ପୂଜାର୍ଚ୍ଚନା ସହ ଏହାର ଶୁଭ ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଧବଳେଶ୍ୱର ମହାପ୍ରଭୁଙ୍କ ନିକଟରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇ ନୂତନ ଝୁମର ଗ୍ରୁପ୍ର ସଫଳତା ଓ ଶୁଭ ଯାତ୍ରା ପାଇଁ ମଙ୍ଗଳ କାମନା କରାଯାଇଥିଲା। ଏହି ନୂତନ ଗ୍ରୁପ୍ର ପରିଚାଳନା ଦାୟିତ୍ୱ ତୁଳସୀ ରାମ ମହାନ୍ତଙ୍କ ଉପରେ ନ୍ୟସ୍ତ ହୋଇଥିବା ବେଳେ ଦିଲ୍ଲୀପ କୁମାର ମହାନ୍ତ ସମ୍ପାଦକ ଭାବେ ଏବଂ ମୋତିଲାଲ ବାରିକ ସହ-ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇବେ। ଗ୍ରୁପ୍ର ସୁଚାରୁ ପରିଚାଳନା, କାର୍ଯ୍ୟକ୍ରମ ଆୟୋଜନ ଓ ଝୁମର ସଙ୍ଗୀତର ପ୍ରଚାର-ପ୍ରସାର ଦିଗରେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବେ।ନାମକରଣ ଓ ଶୁଭ ଉଦଘାଟନ ଅବସରରେ ଗ୍ରୁପ୍ର ସଦସ୍ୟ, କଳାକାର, ଶୁଭେଚ୍ଛୁ ଓ ସ୍ଥାନୀୟ ଅଂଚଳର କଳାପ୍ରେମୀମାନେ ଉପସ୍ଥିତ ରହି ନୂତନ ଗ୍ରୁପ୍ର ସଫଳତା କାମନା କରିଥିଲେ। ଧବଳେଶ୍ୱର ପୀଠରୁ ଆରମ୍ଭ ହୋଇଥିବା ଏହି ନୂତନ ସାଂସ୍କୃତିକ ଯାତ୍ରା ଆଗାମୀ ଦିନରେ ଅଂଚଳର ଝୁମର ସଙ୍ଗୀତକୁ ଏକ ନୂତନ ପରିଚୟ ଦେବା ସହ ପାରମ୍ପରିକ ଲୋକକଳାର ସୁରକ୍ଷା ଓ ପ୍ରଚାର-ପ୍ରସାରରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି। 'ବାଂସୁରୀ ଝୁମର ମେଲୋଡି ଗ୍ରୁପ୍'ର ଏହି ଶୁଭ ଯାତ୍ରା ଝୁମର ସଙ୍ଗୀତପ୍ରେମୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିଥିବା ବେଳେ ଅଂଚଳର କଳା ଓ ସଂସ୍କୃତି କ୍ଷେତ୍ରରେ ଏହା ଏକ ସକାରାତ୍ମକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଛି ।

## ଚାର୍ଜ ଲାଗିଥିବା ବେଳେ ବ୍ୟାଟେରୀ ସ୍କୁଟିରେ ନିଆଁ ଲାଗି ଭସ୍ମୀଭୂତ



ସୋର,୧୩/୮(ନି/ପ୍ର): ସୋର ପୌରପାଳିକା ୦୧ ନଂ ୱାର୍ଡ ବଡ଼ଖୁରୀ ପଦ୍ମପୋଖରୀ ପାଖରେ ଘର କରି ରହୁଥିବା ବିହାରର ପ୍ରେମ କୁମାର ଦାସ ଗୁପ୍ତାଙ୍କୁ ବ୍ୟାଟେରୀ ସ୍କୁଟି ଚାର୍ଜ ଲାଗିଥିବା ବେଳେ ନିଆଁ ଲାଗି ଫାଟି ଭସ୍ମୀଭୂତ ହୋଇଯାଇଛି। ସୂଚନା ଅନୁସାରେ, ଆଜି ଭୋର ୦୪. ୧୦ ରେ ପ୍ରେମ କୁମାର ସ୍କୁଟି ଚାର୍ଜରେ ବସାଇ ଘର ବାହାରକୁ ଯାଇଥିଲେ। ବାହାରୁ ଆସି ଘର ଭିତରକୁ ଗଲା ବେଳକୁ ସ୍କୁଟିରେ ନିଆଁ ଲାଗି ଫାଟି ସାରା ଘର ଧୂଆଁମୟ ହୋଇଯାଇଥିଲା। ପ୍ରେମ କୁମାରଙ୍କ ପୁଅଙ୍କ କହିବା ଅନୁସାରେ ଉକ୍ତ ସ୍କୁଟିଟି ସୋର ଷ୍ଟେସନ ଛକରେ ଥିବା ମା ଦୁର୍ଗା ଇଭି ସ୍କୁଟର ଶୋରୁମରୁ ମାର୍ଚ୍ଚ ୧୨ରେ ୧ ଲକ୍ଷ ଟଙ୍କା ଦେଇ କିଣିଥିଲେ। ଉକ୍ତ ଗାଡ଼ିର ଚାର୍ଜର ଖରାପ ହୋଇଯିବା ପରେ ଅନ୍ୟ ଏକ କମ୍ପାନୀର ଚାର୍ଜର ଶୋରୁମ ତରଫରୁ ଦିଆଯାଇଥିଲା। ଉକ୍ତ ସ୍କୁଟିର ବିସ୍ଫୋରଣରେ ପାଖରେ ରଖାଯାଇଥିବା ଓଡି୦୧ଏଭି୪୫୯୮ ନଂ ବିଶିଷ୍ଟ ଟିଭିଏସ କମ୍ପାନୀର ୧୨୫ ସିସିର ଜୁପିଟର ସ୍କୁଟିଟି ସମ୍ପୂର୍ଣ୍ଣ ରୂପେ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଉପରେ ଥିବା ଏକ ସିଲିଂ ଫ୍ୟାନ ନଷ୍ଟ ହୋଇଯାଇଛି। ଖବର ପାଇ ସୋର ଦମକଳ ବାହିନୀ ଘଟଣା ସ୍ଥଳରେ ପହଚିଂବା ବେଳକୁ ଉଭୟ ଇ ସ୍କୁଟି ଓ ଟିଭିଏସ ସ୍କୁଟି ସମ୍ପୂର୍ଣ୍ଣ ରୂପେ ଜଳିପୋଡ଼ି ଭସ୍ମୀଭୂତ ହୋଇ ଯାଇଥିଲା।

## ବଲାଙ୍ଗୀର ଜିଲ୍ଲାରେ ହର ଘର ତ୍ରିରଙ୍ଗା ଓ ବନ୍ଦେ ମାତରମ୍ ଅଭିଯାନସର୍କିଟ୍ ହାଉସ୍‌ରୁ ଏକ ବିଶାଳ ତ୍ରିରଙ୍ଗା ରାଲି

ବଲାଙ୍ଗୀର,୧୩/୮(ନି/ପ୍ର): ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବଲାଙ୍ଗୀର ଜିଲ୍ଲାରେ 'ହର ଘର ତ୍ରିରଙ୍ଗା' ଓ 'ବନ୍ଦେ ମାତରମ୍' ଅଭିଯାନ ଆଜିଠାରୁ ଉତ୍ସାହ ଓ ଦେଶପ୍ରେମର ପରିବେଶ ମଧ୍ୟରେ ଆରମ୍ଭ ହୋଇଛି। ଏହି ଅବସରରେ ଆଜି ସର୍କିଟ୍ ହାଉସ୍‌ରୁ ଏକ ବିଶାଳ ତ୍ରିରଙ୍ଗା ରାଲି ବାହାରିଥିଲା। ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ରାଲିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ବିଭାଗ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଶିଷ୍ଟ ଅତିଥି ଭାବେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବଲ୍ଲଭ ଧରୁଆ ଏବଂ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଅତିଥି ଭାବେ ଯୋଗଦେଇଥିଲେ। ତ୍ରିରଙ୍ଗା ପତାକା ଓ ଦେଶପ୍ରେମର ଧ୍ୱନିରେ ମୁଖରିତ ରାଲି ସହର ପରିକ୍ରମା କରି ସରକାରୀ ମହିଳା ମହାବିଦ୍ୟାଳୟରେ ପହଂଚିଥିଲା। ସେଠାରେ ତ୍ରିରଙ୍ଗା କନସର୍ଟ, ଦେଶାତ୍ମବୋଧକ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଲିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ସମାଜସେବୀ ଓ ଜନସାଧାରଣ ଯୋଗଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ କହିଥିଲେ ଯେ, 'ହର ଘର ତ୍ରିରଙ୍ଗା' କେବଳ ଏକ ଅଭିଯାନ ନୁହେଁ, ଏହା ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ପ୍ରତ୍ୟେକ ପରିବାର ଓ ନାଗରିକଙ୍କ ମନରେ ଦୃଢ଼ କରିବାର ଏକ ଜନଆନ୍ଦୋଳନ। ତ୍ରିରଙ୍ଗା ହିଁ ଆମର ଜାତୀୟ ପରିଚୟ। ଏହି ପରିଚୟକୁ ସମ୍ମାନ ଜଣାଇବା ସହ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ସେ ଆହ୍ୱାନ ଦେଇଥିଲେ। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଥିଲେ ଯେ, 'ହର ଘର ତ୍ରିରଙ୍ଗା' ଅଭିଯାନ ଜାତୀୟତାବୋଧ ଓ ଜାତୀୟ ଏକତାକୁ ସୁଦୃଢ଼ କରିବାର ଏକ ପ୍ରୟାସ। ରାଷ୍ଟ୍ର ଏକତା ଆମର ସର୍ବୋପରି। ତ୍ରିରଙ୍ଗା ପତାକା ତଳେ ଆମେ ସମସ୍ତେ ସର୍ବଦା ଏକତ୍ରିତ ହୋଇ ରହିବା ଆବଶ୍ୟକ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଦିନେଶ ଶର୍ମା, ସମାଜସେବୀ ଗୋପାଳଜୀ ପାଣିଗ୍ରାହୀ ଓ ଶ୍ରୀବତ୍ସ ବେହେରା, ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ, ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ହରିଓମ ଶମ୍ଭୁ ନାରାୟଣ ଦାଶ, କ୍ରୀଡ଼ାବାସ ଅଧୀକ୍ଷକ ପରାସର ବାଗ, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ସନ୍ଦୀପ କୁଅଁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ଓଝା । ଅଭିଯାନର ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବେ ଅଗଷ୍ଟ ୧୩ ତାରିଖରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ଛାତ୍ରୀମାନଙ୍କ ଦ୍ୱାରା ତ୍ରିରଙ୍ଗା ଥିମ୍ରେ ରଙ୍ଗୋଲି ପ୍ରଦର୍ଶନୀ ଆୟୋଜିତ ହେବ। ସେହିପରି ଅଗଷ୍ଟ ୧୪ ତାରିଖରେ ଜିଲ୍ଲା ସଂସ୍କୃତି ଭବନରେ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ପାଳନ କରାଯିବ। ଏହି ଅବସରରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ।

## ପୁନର୍ବାସରେ ସ୍ୱତନ୍ତ୍ର ଶିଶୁ ହିତାଧିକାରୀ ଅଭିଭାବକଙ୍କ ବୈଠକ

କେନ୍ଦ୍ରାପଡ଼ା,୧୩/୮(ନି/ପ୍ର): ପୁନର୍ବାସର ବିଭିନ୍ନ ପ୍ରକଳ୍ପରେ ଥେରାପି ସେବା ଗ୍ରହଣ କରିଥିବା ସ୍ୱତନ୍ତ୍ର ଶିଶୁହିତାଧିକାରୀ ଅଭିଭାବକଙ୍କ ବୈଠକ ମାଧପୁରସ୍ଥିତ ଥେରାପି ସେଂଟର ଫର୍ ଚିଲ୍‌ଡ୍ରେନ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ, ସହସମ୍ପାଦକ ବଂଶୀଧର ମହାନ୍ତି ଏବଂ କୋଷାଧ୍ୟକ୍ଷ ଶିବ ଚରଣ ସାମଲ ପ୍ରମୁଖ କାର୍ଯ୍ୟକାରୀ କମିଟିର ସଦସ୍ୟ ଅଭିଭାବକମାନଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କର ଅଭିଜ୍ଞତା ଓ ପରାମର୍ଶଗୁଡ଼ିକୁ ଶୁଣିଥିଲେ। ଅଭିଭାବକମାନଙ୍କ ପକ୍ଷରୁ ପାର୍ଟ-ଟାଇମ୍ ସପ୍ତାହାନ୍ତ ବ୍ୟବସ୍ଥା ପରିବର୍ତ୍ତେ ଜଣେ ପୂର୍ଣ୍ଣକାଳୀନ ସ୍ପିଚ୍ ଥେରାପିଷ୍ଟ ନିଯୁକ୍ତ କରିବା ପାଇଁ ସମ୍ମିଳିତ ଭାବେ ଅନୁରୋଧ କରିଥିଲେ। ଏହି ଅବସରରେ ପୁନର୍ବାସ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ଏ ଦିଗରେ ପ୍ରୟାସ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଅଧିବେଶନଟିକୁ ଫିଜିଓଥେରାପିଷ୍ଟ ମିସ୍ କୀର୍ତିଦାଶ ଏବଂ ପ୍ରକଳ୍ପ-୨ର ଦାୟିତ୍ୱରେ ଥିବା ପ୍ରୋଜେକ୍ଟ ସୁପରଭାଇଜର୍ କେଦାରନାଥ ବାରିକଙ୍କ ଦ୍ୱାରା ସଂଚାଳନା କରାଯାଇଥିଲା। ସେମାନଙ୍କୁ ସିବିଆର୍ ୱାର୍କର୍ ଅଭିଷେକ ଜେନା, ଆକାଉଂଟାଂଟ ପର୍ଶୁରାମ ତ୍ରିପାଠୀ, ସିବିଆର୍ ୱାର୍କର୍ ପ୍ରବାତ କୁମାର ସାମଲ, ରଞ୍ଜନ କୁମାର ସ୍ୱାଇଁ ଏବଂ ଧରଣୀଧର ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ବୈଠକରେ ଉଭୟ ପ୍ରକଳ୍ପରେ କାର୍ଯ୍ୟରତ ଥେରାପିଷ୍ଟ ଓ ସପୋର୍ଟ ଷ୍ଟାଫ୍ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## ବର୍ଷାରେ ଚାଲିଛି ରାସ୍ତାରେ ପିଚୁ ପକା କାମ

ଜୟପୁର,୧୩/୮(ନି/ପ୍ର): ବର୍ଷା ଚାଲିଛି... ଆଉ ସେହି ବର୍ଷା ଭିତରେ ଚାଲିଛି ପିଚୁ ପକା କାମ। ନିର୍ମାଣର ମାନ ନେଇ ଉଠିଛି ବଡ଼ ପ୍ରଶ୍ନ। ତେଲେଙ୍ଗିରି ଜଳସେଚନ ବିଭାଗ ଅଧୀନ କେନାଲ କଡ଼ ରାସ୍ତା କାମକୁ ନେଇ ସ୍ଥାନୀୟ ଲୋକ ଆଣିଛନ୍ତି ସଙ୍ଗୀନ ଅଭିଯୋଗ। ବର୍ଷାରେ ପିଚୁ ପକାଯାଉଥିବା ଦୃଶ୍ୟ ମୋବାଇଲ କ୍ୟାମେରାରେ କଏଦ ହେବା ପରେ ବିଭାଗୀୟ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠିଛି। ପ୍ରବଳ ବର୍ଷା ହେଉଥିବା ବେଳେ ତେଲେଙ୍ଗିରି ଜଳସେଚନ ବିଭାଗ ଅଧୀନ କେନାଲ କଡ଼ ରାସ୍ତାରେ ପିଚୁ ପକାଯାଉଥିବା ଦୃଶ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଲୋକଙ୍କ ଅଭିଯୋଗ, ଏଭଳି ପାଣି ପାଣିରେ ପିଚୁ ପକାଇଲେ ରାସ୍ତାର ସ୍ଥାୟୀତ୍ୱ କେତେ ରହିବ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ରାଣୀଗଡ଼ ତେଲେଙ୍ଗିରି ଡ୍ୟାମ ଠାରୁ ତଳମୁଣ୍ଡ କେନାଲ ପର୍ଯ୍ୟନ୍ତ ଚାଲିଥିବା ଏହି ରାସ୍ତା ନିର୍ମାଣ କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ବୁଝାମଣା ଯୋଗୁଁ ଗୁଣବତାକୁ ଅଣଦେଖା କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ପ୍ରବଳ ବର୍ଷା ସମୟରେ ପିଚୁ ପକାଇବାକୁ ଅନୁମତି କିଏ ଦେଲା ? ବିଭାଗ ଏହା ଜାଣିନାହିଁ, ନା ଜାଣିଶୁଣି ନିରବ ରହିଛି ? ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ରାସ୍ତା ନିର୍ମାଣର ଗୁଣବତା ଯାଂଚ୍ କରିବାକୁ ଦାବି କରିଛନ୍ତି ସ୍ଥାନୀୟ ଲୋକ।

## ଯଦୁଗୁଡ଼ା ଶିବ ମନ୍ଦିରର ବିକାଶ ଓ ଉନ୍ନତୀକରଣ ପାଇଁ ୧୨.୫୦ କୋଟି ଟଙ୍କାର ଦାବି କଲେ ବିଧାୟକ

ମାଲକାନଗିରି, ୧୩/୮(ନି/ପ୍ର): ମାଲକାନଗିରି ଜିଲ୍ଲାର ଅନନ୍ୟ ତୀର୍ଥସ୍ଥଳୀ ଯଦୁଗୁଡ଼ା ଶିବ ମନ୍ଦିରର ବିକାଶ ଓ ଉନ୍ନତୀକରଣ ପାଇଁ ୧୨.୫୦ କୋଟି ଟଙ୍କାର ଅନୁଦାନ ମଞ୍ଜୁରୀ ପାଇଁ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିକଟରେ ଦାବି କରିଛନ୍ତି ବିଧାୟକ ନରସିଂହ ମାଡକାମୀ। ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ଆଜି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଭେଟି ଯଦୁଗୁଡ଼ା ଶିବ ମନ୍ଦିର ଓ ଏହା ପାଖରେ ଥିବା ଇକୋ-ଟୁରିଜମ କ୍ଷେତ୍ରର ବ୍ୟାପକ ପୁନଃର୍ବିକାଶ ପାଇଁ ୧୨.୫୦ କୋଟି ଟଙ୍କା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।ବିଧାୟକ ମାଡ଼କାମି ଏହି ସାକ୍ଷାତରେ ଏକ ଲିଖିତ ପ୍ରସ୍ତାବ ସମେତ ଏକ ଡିପିଆର ମଧ୍ୟ ଦାଖଲ କରି କହିଛନ୍ତି ଯେ ଯଦୁଗୁଡ଼ା ଶିବ ମନ୍ଦିର ସ୍ଥାନୀୟ ଲୋକଙ୍କ ପାଇଁ ଧାର୍ମିକ, ପୌରାଣିକ ତଥା ସାଂସ୍କୃତିକ ଗୁରୁତ୍ୱ ବହନ କରୁଛି। ଏହା ପାଖରେ ଥିବା ପ୍ରାକୃତିକ ପରିବେଶକୁ ଇକୋ-ଟୁରିଜମ କେନ୍ଦ୍ର ଭାବେ ବିକଶିତ କଲେ ଏହା ମାଲକାନଗିରି ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ, ସାଂସ୍କୃତିକ ଓ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳ ଭାବେ ଉଭା ହୋଇପାରିବ। ବର୍ତ୍ତମାନ ସେଠାରେ ଥିବା ମୌଳିକ ସୁବିଧା ଓ ପର୍ଯ୍ୟଟକ ସୁବିଧାଗୁଡ଼ିକର ଉନ୍ନତି ଆବଶ୍ୟକ। ଏଥିସହ ମନ୍ଦିର ପରିସରର ସୌନ୍ଦର୍ଯ୍ୟବର୍ଦ୍ଧନ, ଯାତ୍ରୀଙ୍କ ରହିବା ସୁବିଧା,ରାସ୍ତା ଓ ପାର୍କିଂ ବ୍ୟବସ୍ଥା,କମ୍ୟୁନିଟି ହଲ୍ ଓ ଦୋକାନ, ପ୍ରକୃତି ପଥ, ଦୃଶ୍ୟପଟ, ପାନୀୟ ଜଳ, ସ୍ୱଚ୍ଛତା, ବିଦ୍ୟୁତ୍, ଆଲୋକ ବ୍ୟବସ୍ଥା, ସାଇନବୋର୍ଡ, ପର୍ଯ୍ୟଟକ ସୂଚନା କେନ୍ଦ୍ର, ସୁରକ୍ଷା ଓ ବର୍ଜ୍ୟ ପରିଚାଳନା ଆଦି କାର୍ଯ୍ୟ କରାଯିବା ପାଇଁ ପ୍ରସ୍ତାବିତ ରହିଛି।ଏହି ପ୍ରକଳ୍ପ ରୂପାୟନ ହେଲେ ପର୍ଯ୍ୟଟକଙ୍କ ଅନୁଭୂତି ବଢ଼ିବା ସହିତ ଯଦୁଗୁଡ଼ା ଆଧ୍ୟାତ୍ମିକତା, ପ୍ରକୃତି ଓ ଆଦିବାସୀ ସଂସ୍କୃତିର ସମନ୍ୱୟରେ ଏକ ବିଶିଷ୍ଟ ଗନ୍ତବ୍ୟ ସ୍ଥଳ ଭାବେ ପରିଚିତ ହେବ। ଏହା ସ୍ଥାନୀୟ ଯୁବକ, ମହିଳା, କାରିଗର ଓ ଅନ୍ୟ ସମ୍ପ୍ରଦାୟର ଲୋକଙ୍କ ପାଇଁ ନିଯୁକ୍ତି ଓ ଜୀବିକାର ନୂତନ ସୁଯୋଗ ସୃଷ୍ଟି କରିବ ଏବଂ ଜିଲ୍ଲାର ଆର୍ଥିକ-ସାମାଜିକ ବିକାଶରେ ସହାୟକ ହେବ। ବିଧାୟକ ଶ୍ରୀ ମାଡକାମି ଉପମୁଖ୍ୟମନ୍ତ୍ରୀଙ୍କୁ ଏହି ପ୍ରସ୍ତାବ ଉପରେ ଶୀଘ୍ର ଅନୁମୋଦନ ଦେବାକୁ ଅନୁରୋଧ କରିଛନ୍ତି।

ଉତ୍କଳ ସମାଗ୍ର

## ସମ୍ପାଦକୀୟ...

### ଶୁକ୍ରବାର ୧୪ ଅଗଷ୍ଟ ୨୦୨୬

# ଶକ୍ତି

ଶକ୍ତି ଖୋଜରେ ଚାଲିଲେ ପଥରେ ଯାହା ଦେଖିବେ ତାହା ମଧ୍ୟରେ ଶକ୍ତି ଊଣାଅଧିକେ ରହିଛି । ଔଷଧରେ ଭିଟାମିନ । ଭିଟା ମାନେ ହିଁ ଶକ୍ତି, ଦୁର୍ବଳ ସ୍ୱାସ୍ଥ୍ୟର ବ୍ୟକ୍ତିକୁ ଡାକ୍ତର ବାବୁମାନେ ଭିଟାମିନର ବଟିକା ଟନିକ ବା ଜରୁରୀ ମନେକଲେ ଇଞ୍ଜେକ୍ସନ ଦେଇଥାନ୍ତି । ଶକ୍ତି ପାଉନାହିଁ ମାନେ, ବଳ ପାଉ ନାହିଁ । ବଳ ଅନ୍ୟ ନାମ ଶକ୍ତି । ବାଳାନାଂ ରୋଦନ ବଳମ୍ । ଶିଶୁ ମାନଙ୍କର ରୋଦନ, କାନ୍ଦ ବଳ, ସେହିପରି ଦୁର୍ବଳ ଅପାରଗର ବଳ ଖୋଜରେ ଦୁର୍ବଳସ୍ୟ ବଳମ୍ ରାମା ଦୁର୍ବଳକୁ ଦଳିତ କରି କଷ୍ଟ ଦେଇ ଅତ୍ୟାଚାର କରି ଦୁର୍ଦ୍ଦାନ୍ତ ମାନେ ଅନଧିକାରୀ ଥାଇବି ଜୁଲମକରି ତାର ସମ୍ମୁଖରେ ସମ୍ପତି, ଧନ, ଯୌବନ ଯୁବତୀ ଝିଅ, ଲୁଣ୍ଠନ କରିବା ଭୋଗ କରିବା ଯେତେବେଳେ ଅତ୍ୟାଚାରିତ ନିଜର ଦୈହିକ ବଳରେ ସେତେବେଳେ ସେ ରାଜଶକ୍ତିର ଆଶ୍ରୟ ଲୋଡ଼େ । ପୂର୍ବେ ଜାତିପାଟକର ବ୍ୟବସ୍ଥା କଡ଼ାକଡ଼ି ଥିଲା । ଏକ ଜାତିର ବ୍ୟକ୍ତି ଅନ୍ୟ ଜାତିର କୌଣସି ବ୍ୟକ୍ତିକୁ ତାପିତ କଲେ ଏକ ଗୋଷ୍ଠୀ ଆକ୍ରମଣକାରୀର ଜାତି ସଭା ଦରବାରରେ ଫେରାଦ ହୋଇ ତାକୁ ଦଣ୍ଡିତ କରାଉଥିଲେ । କୁହାଯାଏ ଜାତି ଆଗରେ ହାତୀ ସରି ନୁହେଁ । ହାତୀର ଶକ୍ତି କେତେ ସେ ଏକ ଗୋଷ୍ଠୀ ଜନବଳ ଶକ୍ତିରେ ହାରମାନେ । ଯୋଡ଼ାକୁ ଘୋଡ଼ା ସରିନୁହେଁ । ଘୋଡ଼ାକୁ ଅଶ୍ୱ କୁହାଯାଏ, ଅଶ୍ୱଶକ୍ତି ହର୍ସ ପାୱାର ସଂକ୍ଷିପ୍ତରେ ଏଚ.ପି. ଯାହା ଦ୍ୱାରା ବିଦ୍ୟୁତ ମୋଟର, ଅନ୍ୟ ଯାନ୍ତ୍ରିକ ଯାନର ଶକ୍ତି ନିର୍ଦ୍ଧାରଣ କରାଯାଉଛି । ଏକ ଏଚ.ପି.-୭୪୬ ୱାଟ, ବିଦ୍ୟୁତ ଶକ୍ତି ଚାଲିଲେ ଖର୍ଚ୍ଚ ହୁଏ । ଏହିପରି ଏକ ଉଦଣ୍ଡା ଅଶ୍ୱକୁ ଦୁଇ ବ୍ୟକ୍ତି ମିଶିଗଲେ ଆୟତ ପାରନ୍ତି । ପୁରୁଷର ଯୌନଶକ୍ତିକୁ ଯୌବନ କାଳରେ ଦୀର୍ଘସ୍ଥାୟୀ ରଖିବା ପାଇଁ ଚିକିତ୍ସା ଶାସ୍ତ୍ରରେ ଏକ ସ୍ୱତନ୍ତ୍ର ବିଧାନ ଅଛି, ତାର ନାମ ବାଜୀ କାରଣ, ଘୋଡ଼ାର ଅନ୍ୟ ଏକ ଅର୍ଥରେ ବାଜୀ ଗ୍ରହଣ ହୁଏ । ବାଜୀ ବାଜୀ ବା ଘୋଡ଼ାପରି ତାକତଦାର ରମଣ ଶକ୍ତି ପାଇଁ ବ୍ୟବହୃତ ରସାୟନ ବା ଔଷଧ । ରାମାୟଣରେ ଅଛି ବାନର ଯୋଦ୍ଧା ବାଳୀଙ୍କର ଥିଲା ଲକ୍ଷେ ସିଂହଙ୍କବଳ । ସିଂହ ସହ ମନୁଷ୍ୟକୁ ବିନା ଆୟୁଧରେ ଲଢ଼େଇ କରିବାକୁ ଦେଇ ଅନେକ ରାଜା ଏକ ରାକ୍ଷସୀ ଆନନ୍ଦ ଉପଭୋଗ କରୁଥିଲେ । ଏହାର ଜ୍ୱଳନ୍ତ ପ୍ରମାଣ ଯୋଗୀର ଆତ୍ମକଥା ପୁସ୍ତକରେ ଅଛି । ଆମ ରାଜ୍ୟର ଜଣେ ବ୍ରିଟିଶକାଳର ରାଜା ଆଳିର ରାଜା ବ୍ରଜ ସୁନ୍ଦର ଦେବ ଏକ ସର୍କସ ସଂସ୍ଥା କରି କଲିକତାରେ ପ୍ରଦର୍ଶନ ବେଳେ ବଙ୍ଗାଳି ଦର୍ଶକମାନେ କହିଥିଲେ ଏ ରଜା ତାଙ୍କ ଏହି ସର୍କସର ବାଘକୁ ଅଫିମ ଖାଇବାକୁ ଦେଇ ପୋଷା ମନାଇ ଖେଳ କରୁଛନ୍ତି ସିନା କଲିକତାରେ ଥିବା ଚିଡ଼ିଆଖାନାର ବାଘ ସହ କଣ ଏପରି ଖେଳ କରିପାରିବେ ? ପରଦିନ ବଙ୍ଗାଳି ଲୋକେ ଦେଖିଲେ ସମ୍ପୃକ୍ତ ଚିଡ଼ିଆଖାନା ଏକ ରୟାଲ ବେଙ୍ଗଲ ବାଘ ଉପରେ ବସି ରାସ୍ତାରେ ବୁଲିଥିଲେ । ସେ କେତେ ଶକ୍ତିଶାଳୀ ରାଜପଥରେ ଲୋକେ ଦେଖିଲେ । ରାଜା ବ୍ରଜସୁନ୍ଦର ଦେବ ରିଙ୍ଗ ଲିଡ଼ର ହୋଇ ମେଲା ଫାଙ୍କାରେ ସାଂଘାତିକ ହିଂସ୍ର ବାଘକୁ ନେଇ ସର୍କସରେ ଖେଳ ଦେଖାଉଥିଲେ । ସାରା ଭାରତ, ବର୍ମା. ସେ ୧୯୩୦ରୁ ୧୯୪୦ ମସିହା ଯାଏ ତାଙ୍କ ସର୍କସ ସଂସ୍ଥା ଚାଲିଥିଲା । ବାଘ ଶବ୍ଦରେ ମହାବଳ ସଂଯୋଗ ଅଛି । ବାଘଙ୍କ ଶକ୍ତି ଅପ୍ରମିତ । ମା ଅମ୍ବିକା ବାହାନ ବାଘ । କୁହାଯାଏ ବାଘ ଠାରୁ ସିଂହ ଆହୁରି ବଳବାନ, ଦୁର୍ଗାଙ୍କ ବାହାନ ଦୁର୍ଗା । ଏବେ ସହର ମାନଙ୍କରେ ବହୁଳ ଜନ ପଦରେ ଦୁର୍ଗା ପୂଜା । କିନ୍ତୁ ପ୍ରକୃତରେ ସେ ବନରେ ପ୍ରପୂଜିତା ବନଦୁର୍ଗା । ସୁରଥ ରାଜା ମେଧାସ ଋଷିଙ୍କ ଶକ୍ତ ଦୀକ୍ଷା ଉପଦେଶରୁ ହୃତ ରାଜ୍ୟ ଫେରି ପାଇବା ପରେ ତାଙ୍କ ରାଜଧାନୀରେ ସିଂହ ବାହିନୀ ଦୁର୍ଗା ଆରମ୍ଭ କରିଥିଲେ । ଅଭଙ୍ଗ ବଙ୍ଗ ରାଜ୍ୟରେ ପ୍ରଖ୍ୟାତ ଜମିଦାର ସାବର୍ଣ୍ଣ ଚୌଧୁରୀ ମହୋଦୟ ବଙ୍ଗ ରାଜ୍ୟର ମୃଣ୍ମୟୀମୂର୍ତ୍ତିର ଦୁର୍ଗାପୂଜା ଉନ୍ନମ କୁମ୍ଭାର ମୂର୍ତ୍ତି କାରିଗରଙ୍କ ଦ୍ୱାରା ତୟାର କରିଥିଲେ । ଏହା ଶକ୍ତି ଉପାସନାରେ ଏକ ମୂର୍ତ୍ତି ଆଧାରର ଏକାଂଶ । ଆମ ଜଗନ୍ନାଥ ମନ୍ଦିର ସହ ଗଜପତି ପୁରୁଷୋତମ ଦେବଙ୍କ କାଞ୍ଚି ବିଜୟ ଇତିହାସ ଜଡ଼ିତ । ଭକ୍ତ ପାଇଁ ଭଗବାନ ଯୁଦ୍ଧ ଯାତ୍ରାରେ ଦୈବୀ ଶକ୍ତି ଅର୍ପଣ କରନ୍ତି ତାର ପ୍ରମାଣ ରହିଯାଇଛି । ମାଣିକ ଗୋପାଳୁଣୀ ପ୍ରଭୁଙ୍କ ରତ୍ନ ମୁଦି ଦଧି ପାତ୍ରରେ ପଡ଼ିଥିବା ସେ ରତ୍ନମୁଦିରେ ପ୍ରଭୁଙ୍କର ରୂପାଙ୍କିତ ସେ ମୁଦିର ସ୍ମୃତି ପରକାଳରେ ଭକ୍ତର ରକ୍ଷକ ଦଧି ବାମନ ରୂପେ ଭକ୍ତଙ୍କ ଘରେ ଘରେ ଉପାସନା । ଜଣେ ଗୋପାଳୁଣୀର ସେବା ମୁଗ୍ଧରେ ତାର ଦରିଦ୍ରତାକୁ ଲୋପକରି ତାକୁ ଏକ ପାଟଣାର ଜମିଦାରୀ ପ୍ରଦାନ କେମିତି ପ୍ରଭୁ କରିପାରନ୍ତି ତାହା ନିଷ୍ଠା ସେବା ଭକ୍ତି ସମ୍ଭବ ହୋଇପାରେ ତାର ନଜିର ରଖିଛନ୍ତି । ରାଜା ଜିତିଛନ୍ତି, ମାନ, ସଂକଳ୍ପ ରକ୍ଷା ପ୍ରଭୁଙ୍କ ଶକ୍ତିରେ ହୋଇଛି ତାର ଉଦାହରଣ ରହିଯାଇଛି । ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରେ ନାମଶକ୍ତି ଲୋକେ ଜାଣିଲେ ସେତେବେଳେ ପଞ୍ଚ ଶଖାଙ୍କ ପ୍ରକଟ କାଳ ଭକ୍ତିରେ କେମିତି ଭଗବାନ ବଶ ହୋଇପାନ୍ତି ଶାସ୍ତ୍ର ଗୁଡ଼ିକୁ କ୍ଲିଷ୍ଟରୁ ସରଳରେ ଲୋକଙ୍କୁ ବୁଝାଇ ଧର୍ମ ମାର୍ଗରେ ଜୀବନ ନିର୍ବାହ କରିହେବ ଏସବୁ ରାଜାଙ୍କ ଆନୁଗତ୍ୟ ପୃଷ୍ଠ ପୋଷକରୁ ପ୍ରସ୍ତୁତ ବହୁତ ଗ୍ରନ୍ଥ ଏବେ ବି ଉପଲବ୍ଧ । ଗ୍ରନ୍ଥ ଏକ ବିଶେଷ ଶକ୍ତି ଯେ ଅଜ୍ଞାନ ତିମିର ପାଠକଙ୍କର ଅପସାରଣ କରାଏ । କାହିଁ କାଳରୁ ଆଦିଗ୍ରନ୍ଥ ବେଦ ସନାତନ ଆର୍ଯ୍ୟ ଜାତିର ଶକ୍ତି ସନ୍ନିଧାନ । ଚୈତନ୍ୟଙ୍କ ମାର୍ଗରେ ପରେ ପରେ , ଦିବ୍ୟଗୁରୁ ରାଧାରମଣ ଦେବ ତାଙ୍କ ପରେ ନାମାଚାର୍ଯ୍ୟ ବାୟାବାବା ନାମଶକ୍ତି କଣ ଜନ ସମୂହରେ ପ୍ରଚାର କରି ଆଜି ଚିର ସ୍ମରଣୀୟ । ଏ ଯୁଗର ନାମ କଳି, କଥାକଥାକେ କଳି ଘରେ ଘରେ କଳି ସବୁ ସ୍ତରରେ କଳିଏହାର ପ୍ରତିକାରର ଏକବାଟ ଗୁରୁଙ୍କ ଠାରୁ ଦୀକ୍ଷା ନେଇ ନାମ ଜପ ନିତ୍ୟର ଏକ ବାଟ ଗୁରୁଙ୍କ ଠାରୁ ଦୀକ୍ଷା ନେଇ ନାମ ଜପ ନିତ୍ୟ ସଂସାର କର୍ମ ସହିତ ଜଡ଼ିତ ରଖବାକୁ ପଡ଼ିବ । ସର୍ବାଧାର ସୂର୍ଯ୍ୟ, ଶାସ୍ତ୍ରରେ ଅଛି ସର୍ଯ୍ୟଙ୍କ ଜନ୍ମ କଳିଙ୍ଗଦେଶ, ଅତ୍ୟନ୍ତ ବିଚାର ବିଷୟ ସେ ଜଣେ ଓଡ଼ିଶାବାସୀ ଓଡ଼ିଆ,ହେଲେ ଅନେକ ବଡ଼, ତାଙ୍କର ବିନା ପୃଥିବୀ କଣ ଅନ୍ୟ ଗ୍ରହ ମାନେ ବି ଅଥର୍ବ । ଦ୍ୱାରିକାଧୀଶ ଶ୍ରୀକୃଷ୍ଣ ପୁତ୍ରଙ୍କୁ କୁଷ୍ଠ ରୋଗ ଧରିଲା ସେ ବହୁତ ଜ୍ଞାନୀ ପରାମର୍ଶ କରି ସିଦ୍ଧାନ୍ତରେ ପହଞ୍ଚି ମଗ ବ୍ରହ୍ମଣ ମାନଙ୍କୁ ସୂର୍ଯ୍ୟ ଆରାଧନା ପାଇଁ ଅର୍କ କ୍ଷେତ୍ରର ମୈତ୍ରେୟ ବନକୁ ପଠାଇ ଥିଲେ ଉପାସନା ସଫଳ ହୋଇଥିଲା ଶାମ୍ବ ସୁସ୍ଥ ହୋଇ ଦ୍ୱାରିକା ଫେରିଥିଲେ । ଏବେ ବି ଓଡ଼ିଶାରେ ଶାମ୍ବ ଦଶମୀ ପୂଜା ମାଆ ମାନେ ତାଙ୍କ ପିଲାଙ୍କ ଆରୋଗ୍ୟ କାମନା କରି ବାଇଗଣ ପତ୍ରରେ ସକାର ସହ ପିଠା ଅନ୍ନ ସୂର୍ଯ୍ୟଙ୍କୁ ଅର୍ପଣ କରୁଛନ୍ତି । ସୂର୍ଯ୍ୟ ବଡ଼ ଜମିଦାର ତାଙ୍କ ଜମିଦାରୀରେ ପୃଥିବୀରେ ସର୍ବେ ବାସିନ୍ଦା ତାଙ୍କର ପ୍ରଭାତ ଗସ୍ତ ଆରମ୍ଭ କାଳରେ ସମସ୍ତଙ୍କୁ ଜାଗ୍ରତ ସେ ସଂଦର୍ଶନ କରିବାକୁ ଚାହାଁନ୍ତି ।

# ସାହିତ୍ୟିକ, ସାମ୍ବାଦିକ

ଯେ ସାହିତ୍ୟ ରଚନା କରେ ସେ ସାହିତ୍ୟିକ । ଯେ ବିବରଣୀ ମାଧ୍ୟମରେ ଖବର ପରିବେଷଣ କରେ ସେ ସାମ୍ବାଦିକ । ଲେଖି ନ ଜାଣି ମୁହଁର କଥା ଆଧାରରେ କାହାର ଅଭିବ୍ୟକ୍ତି ପରେ ଲିଖିତ ହେଲେ ମଧ୍ୟ ଆମେ ତାଙ୍କୁ ସାହିତ୍ୟିକର ମର୍ଯ୍ୟାଦା ଦେଉ । କାରଣ ମୁହଁର ସ୍ୱତଃସ୍ଫୂର୍ତ ବିଷୟ ସମ୍ବଳିତ ରସାଳ ପରିପ୍ରକାଶ ସାହିତ୍ୟ ପଦବାଚ୍ୟ । ସେମିତି ଦେଖିଲେ ସାହିତ୍ୟର ଆରମ୍ଭ ମୁହଁରୁ । ହାତରୁ ନୁହେଁ । ଅଥଚ ଏବେ ସାହିତ୍ୟ କହିଲେ ଆମେ ଲେଖାକୁ ବୁଝିଥାଉ । ସାହିତ୍ୟର କେତେ ଜାତି-ବିଭାଗ । ଯେ କୌଣସି ବିଭାଗରେ ସାରସ୍ୱତ ସମୂହ ହିତକାରୀ ରସମୋଦୀ ଉଚ୍ଚାରଣ ବା ଲିଖନ ସାହିତ୍ୟ ବୋଲାଇବାରେ ଅସୁବିଧା କିଛି ନାହିଁ । ଅପର ପକ୍ଷରେ ସାମ୍ବାଦିକର ଧର୍ମ ହେଲା ଜନସାଧାରଣଙ୍କ ହିତାର୍ଥେ ଖବର ବା ସମ୍ବାଦ ପରିବେଷଣ କରିବା । ଏ ପରିବେଷଣ ମୌଖିକ ହୋଇପାରେ, ଲିଖିତ ବି ହୋଇପାରେ । ଅନେକ ସମୟରେ ଚିତ୍ରଟିଏ ମଧ୍ୟ ଖବରର ଭୂମିକା ଗ୍ରହଣ କରେ । ସାହିତ୍ୟ ଇଲାକାରେ କୌଣସି ଚିତ୍ର କିନ୍ତୁ ଅକ୍ଷରକୀର୍ତ୍ତିର ମାନକ ଲାଭ କରେନାହିଁ । ଚିତ୍ରଟିଏ ଖବର ହେବାରେ ଅସୁବିଧା ନାଇଁ । ସେଇଥିପାଇଁ ଚିତ୍ର-ସାମ୍ବାଦିକତା ବା ଫଟୋ-ସାମ୍ବାଦିକତା ଏକ ମୂଲ୍ୟବାନ ମାଧ୍ୟମ ଭାବରେ ଏବେ ସର୍ବତ୍ର ଗ୍ରହଣୀୟ । ୧୯୩୬ରେ ଆମେରିକୀୟ ପ୍ରକାଶକ ହେନ୍‌ରି ଲ୍ୟୁକ୍ ଆରମ୍ଭ କରିଥିଲେ 'ଲାଇଫ୍' ନାମରେ ଏକ ଆଲୋକଚିତ୍ର ବା ଫଟୋ-ଆଧାରିତ ଖବର ସପ୍ତାହିକ । ସାମ୍ବାଦିକତାର ଧାରା ବଦଳେଇ ଦେଇଥିଲା ଏ ପତ୍ରିକା । ବିଶ୍ୱର ବିଶେଷ ଘଟଣାବଳୀ, ଯୁଦ୍ଧର ବିଭୀଷିକା ବା ମନମତାଣିଆ ମନୋରଞ୍ଜନର ଦୃଶ୍ୟ-ସମ୍ବାଦ ଚିତ୍ରରେ ଚିତ୍ରରେ ଲୋକଙ୍କୁ ଛୁଇଁଯାଉଥିଲା । ଛବି ପାଲଟିଥିଲା ସମ୍ବାଦ । ବିଡ଼ମ୍ବନା । ଟେଲିଭିଜନ ଆସିବା ପରେ ବିଚରାର ମୃତ୍ୟୁ ଘଟିଲା । କ'ଣ ସାହିତ୍ୟିକର ଧର୍ମ ? ମନର ଭାବନାକୁ ଯିଏ ଯେମିତି ପରିବେଷଣ କରିଦେଲେ ତାହା କ'ଣ ସାହିତ୍ୟ ପଦବାଚ୍ୟ ହେବ ? ସେମିତି ହେଲେ ତ ସବୁ ଲେଖା ସାହିତ୍ୟ । ପ୍ରତିଦିନ କାଗଜରେ ଛାପା ଓ ପାଟିରେ କୁହା ଯେତେ ଖବରାଖବର ସେ ସବୁକୁ ସାହିତ୍ୟ କହିବା ହାସ୍ୟାସ୍ପଦ ନିଶ୍ଚୟ । ସାହିତ୍ୟ ସମୟର, ସମୂହର, ସମାଜର, ସଂପର୍କର, ସମ୍ବେଦନାର ପୁଣି ସୌନ୍ଦର୍ଯ୍ୟର କଥା କହେ । ସାହିତ୍ୟର ଭାଷା ସବୁବେଳେ ସଂଯତ ତଥା ସୁସଂହତ । ଏ ସବୁର ଊର୍ଦ୍ଧ୍ୱରେ ଅଛି ଭାବର ରସୁଆଳପଣ । ସାହିତ୍ୟ ହେଉ ବା ଅଭିନୟ ସକାଶେ ସେଥିଲାଗି ଭାରତୀୟ ପରମ୍ପରାରେ ନଅଗୋଟି ରସର ବର୍ଣ୍ଣନା କରାଯାଇଛି । ଯଥା- ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବିଭତ୍ସ, ଅଦ୍‌ଭୁତ ଓ ଶାନ୍ତ । ଆରମ୍ଭରୁ ବୁଝିନେବା ଆବଶ୍ୟକ ଯେ ଅନେକ ସାଧାରଣରେ ବୁଝିବା ଭଳି ଏ ଶୃଙ୍ଗାର ରସ ଯୌନରସ ନୁହେଁ କି ବିଭତ୍ସରସ ଘୃଣା ବା ଅସୂୟା ପ୍ରଚୋଦନା ପାଇଁ ଉଦ୍ଦିଷ୍ଟ ନୁହେଁ । ଶୃଙ୍ଗାରରସ ପ୍ରେମ ଓ ସୌନ୍ଦର୍ଯ୍ୟର କଥା କହେ । ସେମିତି ବିଭତ୍ସରସ ମାନୁଷୀ ବିକାରକୁ ପ୍ରକାଶିତ କରେ । କୌଣସି ରସ ପ୍ରେରଣା ପାଇଁ ନୁହେଁ, କେବଳ ପରିବେଷଣ ପାଇଁ ଉଦ୍ଦିଷ୍ଟ । ଏ ନଅଗୋଟି ରସ ବ୍ୟତିରେକ ଆଉ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରସ ଅଛି ଯାହା ପ୍ରତି ଅତୀତର ଭାବମୋଦୀ ବିଦ୍ୱାନଗଣ ଗୁରୁତ୍ୱ ଦେଇନାହାନ୍ତି । ତାହା ହେଉଛି ବାତ୍ସଲ୍ୟରସ ଓ ବିହ୍ୱଳରସ । ମନେରଖିବା ଆବଶ୍ୟକ ଯେ ସାହିତ୍ୟର ଆରମ୍ଭରସ ହେଉଛି ବାତ୍ସଲ୍ୟରସ । ସେଇଥିପାଇଁ ସକଳ ଭାଷାର ନାନାବାୟା ଗୀତ ବା ଲୋରି ହେଉଛି ସେଇ ସେଇ ଭାଷାର ମୂଳ ସ୍ରୋତ । ପଣ୍ଡିତ ଯେ ଦିନେ ପିଲା ଥିଲେ ଏବଂ ତାଙ୍କର ସାହିତ୍ୟଗତ ପାଣ୍ଡିତ୍ୟ ଦିନେ ସେଇ ଧାରାରେ ପୁଷ୍ଟ ହୋଇଥିଲା ଆମେ ସେ କଥା ଭୁଲିଯାଉ । ସେଇଭଳି ହାସ୍ୟ ହେଉ ବା କରୁଣ, ଭୟାନକ ହେଉ କି ଅଦ୍‌ଭୁତ ବିହ୍ୱଳତାବୋଧ ସ୍ତରକୁ ନ ଗଲେ କୌଣସି ଅକ୍ଷର-କ୍ଷରଣ ସାହିତ୍ୟ ହେବ ନାହିଁ । ନଚେତ୍ ତାହା ପାଲଟିଯାଏ ରିପୋର୍ଟ ବା ବିବରଣୀ । ଏଇ ବିହ୍ୱଳତା ହିଁ ସମ୍ବେଦନା ମାଧ୍ୟମରେ ମନ ତଥା ମସ୍ତିଷ୍କକୁ ଘାରେ ଏବଂ ମୁଖ ବା ଲେଖନୀ ନିଃସୃତ ହୋଇ ଝରିଯାଏ । ସାହିତ୍ୟ ବିବରଣୀ ନୁହେଁ, ସତ୍ୟପାଠ ନୁହେଁ, ନିଷ୍ପକ୍ଷ ପ୍ରତିବେଦନ ନୁହେଁ କି ନିନ୍ଦା ବା ମୂଲ୍ୟାୟନ ନୁହେଁ । ସମାଜଶାସ୍ତ୍ର ହୁଏତ ସାହିତ୍ୟକୁ ପ୍ରଭାବିତ କରିପାରେ, ଖବରଟିଏ ଲେଖକ ଭିତରେ ସମ୍ବେଦନା ସୃଷ୍ଟି କରି ସାହିତ୍ୟ-ସୃଷ୍ଟିର କାରଣ ସାଜିପାରେ ମାତ୍ର ସମାଜଶାସ୍ତ୍ର ସାହିତ୍ୟ ନୁହେଁ କି ଖବର ବି ସାହିତ୍ୟ ନୁହେଁ । ଅସୁନ୍ଦରତା, ଘୃଣା, ଅଶାଳୀନତା ସାହିତ୍ୟର ପ୍ରେରଣାଭୂମି ହେଲେ ତାହା ଆଉ ସାହିତ୍ୟ ହୋଇ ରହେନାହିଁ । କ୍ଷଣିକ ଉତେଜନାର ବଶବର୍ତୀ ହୋଇ ବା ସୀମିତ ସମୟଖଣ୍ଡର ମୂଲ୍ୟାୟନ ହୋଇ ଯେଉଁ ତଥାକଥିତ ମନୋରଞ୍ଜନର ଧାରାକୁ ଅକ୍ଷର ବା ଅଭିବ୍ୟକ୍ତି ମାଧ୍ୟମରେ ପ୍ରକାଶ କରାଯାଏ ତାହା ମଧ୍ୟ ସାହିତ୍ୟ ନୁହେଁ । ସାହିତ୍ୟ ଚିରନ୍ତନ ମୂଲ୍ୟବୋଧର ଜୟଗାନ କରେ । ମଣିଷ ଭିତରେ ସୁସଂହତ ଓ ସୌନ୍ଦର୍ଯ୍ୟଭାବ ଉପୁଜାଏ । ଦୟା, କ୍ଷମା, ସ୍ନେହ, ସଂପ୍ରୀତି, ତ୍ୟାଗ, ତିତିକ୍ଷା, ପରୋପକାର ଭଳି ଉପାଦାନ ହିଁ ସାହିତ୍ୟ ଭୂମିର ଫସଲ । ପ୍ରତିଟି ସାହିତ୍ୟିକ ଏହା ପ୍ରତି ସଚେତନ ହେବା ଆବଶ୍ୟକ । ଆଜି ଏହା ଘଟିଲା ଏବଂ ତାହାକୁ ଅବଲୟ କରି ଗୀତ ପଦେ ଗାଇଦେଲେ କି ଗପଟିଏ ଲେଖିଦେଲେ ତାହା ସାହିତ୍ୟ ପତ୍ରିକାରେ ହୁଏତ ଛାପା ହୋଇଯାଇପାରେ, ପାଠକପାଠିକାଙ୍କ ଠାରୁ ବାହାବା ସାଉଁଟିପାରେ ହେଲେ ସାହିତ୍ୟ ମହାକାଳ ଚାଲୁଣୀରେ ତାହା ଛାଣିହୋଇ କୁଆଡ଼େ ହଜିଯାଏ । ଅନ୍ୟ ପକ୍ଷରେ ସାମ୍ବାଦିକତା କେବଳ ସମୟର କଥା କହେ । ଘୃଣା, ଅସୂୟା, ଘଟଣା, ଦୁର୍ଘଟଣା, ବାଦ, ବିବାଦ ଆଦି ସମ୍ବାଦର ଫସଲ । ଏପରିକି ଯାହା ଘଟିଛି, ଯାହା ଘଟିଥିଲା ଏବଂ ଯାହା ଘଟିବାକୁ ଯାଉଛି ସେ ସବୁର ସତ୍ୟଶୀଳ ପୁଣି ନିରପେକ୍ଷ ପରିବେଷଣ ହିଁ ଅସଲ ସାମ୍ବାଦିକତା । ସାହିତ୍ୟରେ କଳ୍ପନା ରହିପାରେ ମାତ୍ର ସାମ୍ବାଦିକତାରେ କଳ୍ପନାର ସ୍ଥାନ ନାହିଁ । ସାହିତ୍ୟ ପକ୍ଷଭୁକ୍ତ ହୋଇପାରେ ମାତ୍ର ସମ୍ବାଦ ପକ୍ଷଭୁକ୍ତ ହେଲେ ସହଜରେ ବିଶ୍ୱସ୍ତତା ହରାଏ । ସାମ୍ବାଦିକଙ୍କର କାମ ହେଲା ସତ୍ୟର ଅନୁସନ୍ଧାନ କରିବା, ପ୍ରମାଣ ଖୋଜିବା ଏବଂ ଜନସାଧାରଣଙ୍କ ନିକଟରେ ସେ ସବୁ ସତ୍ୟଶୀଳତାର ସହ ଉପସ୍ଥାପନ କରିବା । ସାମ୍ବାଦିକତାରେ ବଡ଼ କଥା ହେଲା ଜନସଚେତନତା । ଏ ଜନସଚେତନତା ପାଇଁ କଳ୍ପନା ତଥା ଅସତ୍ୟ ହିଁ ବଡ଼ ବାଧକ । ଦେଶ ସୀମାରେ ସୈନିକ ପରି ରାଷ୍ଟ୍ରର ଅଭ୍ୟନ୍ତରରେ ସମ୍ବାଦିକମାନେ ହିଁ ଦେଶ-ବିବେକର ଅସଲ ପ୍ରହରୀ । ରୋଚକ କରିବା ଲାଗି ଚେଷ୍ଟାକରି କୌଣସି ସାମ୍ବାଦିକ ଯଦି ଖବରକୁ ରସୁଆଳ କରିବା ନିମନ୍ତେ ରଚନାତ୍ମକତାର ଆଶ୍ରୟ ନିଅନ୍ତି ତେବେ ସରିଲା କଥା । ଅନୁସନ୍ଧାନ, ଅନୁଶୀଳନ, ସତଖୋଜା ସହ ଘଟନା ସଂପର୍କିତ ଚରିତ୍ରମାନଙ୍କର ମତାମତ ସଂଗ୍ରହ କରି ବିବରଣୀକୁ ଜନତାଙ୍କ ନିକଟରେ ପହଚାଂଇବା ଜଣେ ସାମ୍ବାଦିକଙ୍କର ମୌଳିକ କର୍ତବ୍ୟ । ସାହିତ୍ୟିକ ନିଜ ଲେଖାର ଭାଷାରେ ଚମତ୍କାରିତା, ଗମ୍ଭୀରତା ବା ଅଳଙ୍କାର ପ୍ରୟୋଗର ବିବିଧତା ପ୍ରକାଶ କରିବା ହୁଏତ ଶ୍ଳାଘ୍ୟ ହୋଇପାରେ ମାତ୍ର ସାମ୍ବାଦିକ ଲାଗି ପରିବେଷଣର ଭାଷା ହେଉଛି ସାଧାରଣରେ ବୋଧଗମ୍ୟ ଭାଷା । ସେଥିରେ ପାଣ୍ଡିତ୍ୟ ଦେଖାଇବାର ଧୃଷ୍ଟତା ସାମ୍ବାଦିକତା ଧର୍ମର ପରିପନ୍ଥୀ । ଆଉ ଗୋଟିଏ ଦିଗ ହେଲା ଆପଣା ବ୍ୟକ୍ତିସତା । ସାହିତ୍ୟିକ ନିଜ ରଚନାରେ ହୁଏତ ନିଜକୁ କେନ୍ଦ୍ରରେ ରଖିପାରନ୍ତି, ନିଜର ମନନ ଚିନ୍ତନକୁ ପ୍ରାଧାନ୍ୟ ଦେଇପାରନ୍ତି କିନ୍ତୁ ସାମ୍ବାଦିକ ନୈର୍ବ୍ୟକ୍ତିକ ହେବାକୁ ବାଧ୍ୟ । ଆପଣା ମତ ରଖି ବିବରଣୀକୁ ପକ୍ଷ ପ୍ରଦାନ କରିବା ସାମ୍ବାଦିକତାର ଧର୍ମ ନୁହେଁ । ଖବର ହିଁ ଖବର । ତାହା ସତ୍ୟଶୀଳ ଓ ସାଧାରଣ ଭାଷାରେ ପୁଷ୍ଟ । ମତ ମନ୍ତବ୍ୟର ସ୍ଥାନ ନାହିଁ ଜଣେ ସାମ୍ବାଦିକଙ୍କ କର୍ମକୁଶଳତାରେ । ଜଣେ ସାମ୍ବାଦିକ କ୍ଷେତ୍ରରେ ଥାଇ ବିବରଣୀ ପ୍ରସ୍ତୁତ କରନ୍ତୁ ବା ଡେସ୍କରେ ବସି ଖବରକୁ ଛାପାଯୁକ୍ତ କରାଇବାର ଭୂମିକା ନିର୍ବାହ କରନ୍ତୁ, ସେଥିରେ ସାହିତ୍ୟିକୀୟ ମନୋଭାବ ପୋଷଣ କରିବା ଦୋଷାବହ । ସାମ୍ବାଦିକ ସବୁବେଳେ ନିଜକୁ ସରକାରର ପ୍ରତିପକ୍ଷ ମନେକରିବା ଉଚିତ । ସେଥିପାଇଁ ସେ ଚତୁର୍ଥ ସ୍ତମ୍ଭର ଧର୍ମ ବହନ କରେ । କ୍ଷମତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରେ, ସ୍ୱର ଉଠାଏ, ସାଧାରଣ ଜନତାଙ୍କୁ ଜାଗରିତ କରିଥାଏ । ସାହିତ୍ୟିକ ଅନ୍ୟ ପକ୍ଷରେ ନିଜର ମତ ମାଧ୍ୟମରେ ନିଜର ବିଚାର ଉପସ୍ଥାପନ କରେ, କାହାଣୀ କହେ, କଳ୍ପନାର ଜାଲ ବୁଣେ ପୁଣି ପାଠକର ଚେତନାବୋଧକୁ ସୂଚନାୟିତ କରିବା ସହ ଉନ୍ନରିତ କରେ । ଉତରଣ ନ ଥିଲେ ତାହା କିବା ସାହିତ୍ୟ ଆନ୍ତର୍ଜାତିକ ସାମ୍ବାଦିକ ସଂଘର ବିଧିବ୍ୟବସ୍ଥା ଅନୁସାରେ ଯେଉଁ ସାମ୍ବାଦିକ ନୀତି (ଜର୍ନାଲିଷ୍ଟ୍ସ କ୍ରିଡ୍) ବା ସାମ୍ବାଦିକଙ୍କ ଲାଗି ଥିବା ଅନ୍ତର୍ଜାତୀୟ ନୀତି (ଗ୍ଲୋବାଲ୍ ଚାର୍ଟର୍ ଅଫ୍ ଏଥିକ୍ସ ଫର୍ ଜର୍ନାଲିଷ୍ଟ୍ସ) ପ୍ରଣୟିତ ହୋଇଛି ସେଥିରେ ସତ୍ୟ ଓ ଔଚିତ୍ୟବୋଧ, ସ୍ୱାଧୀନତା, ନିରପେକ୍ଷତା, ଜନସାଧାରଣଙ୍କ ପ୍ରତି ଉତରଦାୟିତ୍ୱ ତଥା ଖବର ସଂଗ୍ରହରେ ଗୋପନୀୟତା ସଙ୍ଗକୁ କୌଣସି ପ୍ରଲୋଭନ ଠାରୁ ଦୂରରେ ରହିବା ପାଇଁ ଏକ ଶପଥପାଠ-ଖସଡ଼ା ପ୍ରସ୍ତୁତ କରାଯାଇଛି । ସାହିତ୍ୟିକର କୌଣସି ସତ୍ୟପାଠ ବା ଶପଥପାଠ ନାହିଁ । ବିବେକ, ଶାଳୀନତା ଓ ସୁସ ଭାବନା ହିଁ ସାହିତ୍ୟିକର ଅସଲ ଆୟୁଧ । ଅନ୍ୟ ପକ୍ଷରେ ସାମ୍ବାଦିକର ଆୟୁଧ ହେଉଛି ତା'ର ସତ୍ୟପ୍ରକଟନ କ୍ଷମତାର ଶାଣିତ ଧାରା । ଜଣେ ସାମ୍ବାଦିକ ବୃତିରେ ଖବର-ସୌଦାଗର ହେଲେ ବି ସେ ଯେ ଭାବ-ସଉଦାରେ ପଶିବେ ନାହିଁ ଏପରି କଥା ନାହିଁ । ତେଣୁ ସାମ୍ବାଦିକ ବି ସାହିତ୍ୟିକ ହୋଇପାରିବେ । ମାତ୍ର ସମ୍ବାଦରେ ସାହିତ୍ୟ ପୂରାଇବା ପ୍ରମାଦପୂର୍ଣ୍ଣ । ଅନ୍ୟପକ୍ଷରେ ସାହିତ୍ୟିକ ସାମ୍ବାଦିକ ହେବାକୁ ମ ?ନ କରିବା ନିତାନ୍ତ ଦୋଷଯୁକ୍ତ । ସେଇ ପାଲରେ ପଡ଼ି ଅନେକ ସାହିତ୍ୟିକ ନିଜର ଭାବମନ୍ଥନକୁ ଅସୁନ୍ଦର ପୁଣି ଅସ୍ତବ୍ୟସ୍ତ କରିପକାନ୍ତି । ଅନ୍ୟର ଉସୁକାଣରେ ପଡ଼ନ୍ତି । ସାମ୍ବାଦିକ ପରି ବିବରଣୀ ଆଶ୍ରିତ ହୋଇଯାନ୍ତି । ପ୍ରତ୍ୟେକ ସାହିତ୍ୟିକ ମନେ ରଖିବା ଦରକାର ଯେ ସାହିତ୍ୟ ଚିରନ୍ତନ ଓ କାଳଜୟୀ ହେବାର ସାମର୍ଥ୍ୟ ରଖେ । ସେମିତି ସାମ୍ବାଦିକ ଜାଣିନେବା ଆବଶ୍ୟକ ଯେ ସମ୍ବାଦ ବା ଖବର ଦାୟିତ୍ୱମୂଳକ ପୁଣି ବିଶ୍ୱସନୀୟ ହେବା ଆବଶ୍ୟକ । ସାହିତ୍ୟିକ କଳ୍ପନା ଦିଏ । ସାମ୍ବାଦିକ ସତର ସୂଚନା ପ୍ରଦାନ କରେ ।

# ଆମ ବିଦ୍ୟାଳୟ ଶିକ୍ଷା ଓ ଜାତୀୟ ଶିକ୍ଷା ନୀତି

ସାମାଜିକ ଓ ଆର୍ଥିକ ପରିବର୍ନ୍ତନ ପାଇଁ ଶିକ୍ଷା ଏକ ଶକ୍ତିଶାଳୀ ଓ ପ୍ରମୁଖ ମାଧ୍ୟମ, ଯାହା ସାମାଜିକ ସମାନତାକୁ ପ୍ରୋତ୍ସାହିତ କରିବା ସହିତ ମାନବ ସମ୍ବଳର ବିକାଶ କରେ ଓ ଦାରିଦ୍ର୍ୟତାକୁ ହ୍ରାସ କରିବାରେ ସାହାଯ୍ୟ କରେ । ଭବିଷ୍ୟତ ଦାୟାଦମାନଙ୍କୁ ଦାୟିତ୍ୱବାନ ନାଗରିକ ହେବାପାଇଁ ପ୍ରସ୍ତୁତ କରେ । ଆଧୁନିକ, ଉନ୍ନତ ବୈଷୟିକ ଜ୍ଞାନ, ଏକବିଂଶ ଶତାବ୍ଦୀର ପରିବର୍ନ୍ତିତ ଅବଶ୍ୟକତାକୁ ଲକ୍ଷ୍ୟ ରଖି ଭାରତ ସରକାର ୧୯୮୬ର ଜାତୀୟ ଶିକ୍ଷା ନୀତିରେ ପରିବର୍ନ୍ତନ ଆଣି ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଚଳନ କରିଛନ୍ତି ଯାହା ମୌଳିକ ଭାଷା ଓ ସଂଖ୍ୟା ଦକ୍ଷତା ଆଧାରିତ ଶିକ୍ଷା, ଅଭିଜ୍ଞତାମୂଳକ ଶିକ୍ଷାଦାନ, ବହୁବିଧ ଶିକ୍ଷା, ଡିଜିଟାଲ୍ ଶିକ୍ଷା, ଶିକ୍ଷକ ସଶକ୍ତିକରଣ ଏବଂ ପ୍ରତ୍ୟେକ ପିଲାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇ ଶିକ୍ଷା ବ୍ୟବସ୍ଥାର ଏକ ବ୍ୟାପକ ପରିବର୍ନ୍ତନର ଲକ୍ଷ୍ୟ ରଖିଛି । ଉପରୋକ୍ତ ପରିପ୍ରେକ୍ଷୀରେ ଆମ ରାଜ୍ୟ ଓଡ଼ିଶା ବିଦ୍ୟାଳୟ ଶିକ୍ଷାସ୍ତରରେ ଅନେକ ଉଲ୍ଲେଖନୀୟ ପ୍ରଗତି କରିବା ସହିତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ମଧ୍ୟ ହେଉଛି । ବିଗତ ଦିନମାନଙ୍କରେ ବିଦ୍ୟାଳୟ ଶିକ୍ଷାସ୍ତରରେ ପ୍ରବେଶକୁ ବିସ୍ତାର କରିବା ସହିତ ବିଦ୍ୟାଳୟ ଭିତିଭୂମିର ବିକାଶ, ଶିକ୍ଷକ ନିଯୁକ୍ତି, ଡିଜିଟାଲ୍ ଶ୍ରେଣୀଗୃହ, ବାଳିକା ଶିକ୍ଷା ଏବଂ ଛାତ୍ରବୃତ୍ତି ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରଚେଷ୍ଟାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି । ଏହା ସହିତ ସମଗ୍ର ଶିକ୍ଷା, ୫-ଟି ସ୍କୁଲ ପରିବର୍ନ୍ତନ କାର୍ଯ୍ୟକ୍ରମ, ବୁଝିବା ସହିତ ପଠନ ଓ ସଂଖ୍ୟା ବ୍ୟବହାର କରିବାରେ ଦକ୍ଷତା ପାଇଁ ଜାତୀୟ ପଦକ୍ଷେପ– ଓଡ଼ିଶା (ଘଓଚଟଘ ଙୟସବୃଷବ), ପଟଂସଖା ଶିକ୍ଷା ସେତୁ ଅଭିଯାନ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ବିଦ୍ୟାଳୟ ପଦକ୍ଷେପ ଭଳି କାର୍ଯ୍ୟକ୍ରମ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିଛି । ଏହିସବୁ ସଫଳତା ସତ୍ୱେ ଶିକ୍ଷାରେ ଗୁଣବତ୍ତା, ସମାନତା ଓ ଶିକ୍ଷଣ ଫଳାଫଳ ସୁନିଶ୍ଚିତ କରିବାରେ ରାଜ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେଉଛି । ବିଶେଷକରି ଆଦିବାସୀ ଏବଂ ଦୁର୍ଗମ ଗ୍ରାମୀଣ ଅଚଂଳରେ ଅନେକ ବିଦ୍ୟାଳୟରେ ଶୈକ୍ଷିକ ଭିତିଭୂମି, ଶିକ୍ଷକ ଅଭାବ, ବହୁଭାଷୀ ଶ୍ରେଣୀଗୃହ, ଶିକ୍ଷଣ ସ୍ତର, ଡିଜିଟାଲ୍ ଅସମାନତା ଏବଂ ଦକ୍ଷତା ବିକାଶ ପାଇଁ ସୀମିତ ସୁଯୋଗ ଭଳି ସମସ୍ୟାମାନଙ୍କ ସହିତ ସଂଘର୍ଷ କରିବାକୁ ପଡୁଛି । ରାଜ୍ୟରେ ଜାତୀୟ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟକୁ ପୂର୍ଣ୍ଣରୂପେ ସାକାର କରିବାକୁ ହେଲେ କେତେକ ବିଶେଷ ପ୍ରସଙ୍ଗଗୁଡ଼ିକ ପ୍ରତି ବ୍ୟବସ୍ଥିତ ଧ୍ୟାନଦେବାର ଆବଶ୍ୟକତା ରହିଛି । ସରକାରୀ, ସରକାରୀ ସହାୟତା ପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟ ମାଧ୍ୟମରେ ଲକ୍ଷ ଲକ୍ଷ ପିଲାଙ୍କୁ ରାଜ୍ୟ ଶିକ୍ଷାର ସୁବିଧା ଯୋଗାଇ ଦିଏ, ଯାହା ପୂର୍ବ ଭାରତର ସର୍ବବୃହତ ସରକାରୀ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଅନ୍ୟତମ । ରାଜ୍ୟରେ ଏହି ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଙଝରଚଇ), ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଝଉରଜଞ), ମାଧ୍ୟମିକ ଶିକ୍ଷା ବୋର୍ଡ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ସ୍ଥାନୀୟ ପ୍ରଶାସନିକ ସଂସ୍ଥାମାନଙ୍କ ସହାୟତାରେ ପରିଚାଳିତ ହୁଏ । ବିଭିନ୍ନ ପଦକ୍ଷେପକୁ ବିବେଚନା କଲେ ଏହା ପ୍ରତିପାଦିତ ହୁଏ ଯେ, ଆମ ରାଜ୍ୟ ଶିକ୍ଷାଗତ ସଂସ୍କାର ପ୍ରତି ଏକ ଦୃଢ଼ ରାଜନୈତିକ ପ୍ରତିବଦ୍ଧତା ପ୍ରଦର୍ଶନ କରେ । ପ୍ରାୟ ପ୍ରତ୍ୟେକ ଗାଁରେ ପ୍ରାଥମିକ ବିଦ୍ୟାଳୟର ସୁବିଧା ସହିତ ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ବିସ୍ତାର, ମାଗଣା ପାଠ୍ୟପୁସ୍ତକ, ବିଦ୍ୟାର୍ଥୀମାନଙ୍କ ପାଇଁ ପୋଷାକ, ଝିଅମାନଙ୍କ ପାଇଁ ସାଇକେଲ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, ଆବାସିକ ବିଦ୍ୟାଳୟ, ଅଗମ୍ୟ ଅଚଂଳମାନଙ୍କରେ ପରିବହନ ସୁବିଧା, ମଧ୍ୟାହ୍ନଭୋଜନ ଯୋଜନା, ବିଶେଷକରି ମହତ୍ୱାକାଂକ୍ଷୀ ୫ଟି ସ୍କୁଲ ପରିବର୍ତନ କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରେଣୀଗୃହ, ପରୀକ୍ଷାଗାର, ପାଠାଗାର, ଖେଳପଡ଼ିଆ, ପାନୀୟ ଜଳ, ପରିମଳ ସୁବିଧା ଏବଂ ଡିଜିଟାଲ୍ ଭିତିଭୂମିକୁ ଉନ୍ନତ କରି ହଜାର ହଜାର ସରକାରୀ ସ୍କୁଲକୁ ଆଧୁନିକୀକରଣ ସହିତ ପିଲାମାନଙ୍କର ବିଦ୍ୟାଳୟ ପ୍ରବେଶ ଓ ଅଂଶଗ୍ରହଣକୁ ଯଥେଷ୍ଟ ଉନ୍ନତ କରିଛି । ସମ୍ପ୍ରତି ସରକାରଙ୍କର ପ୍ରାରମ୍ଭିକ ସ୍ତରରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ମାଗଣା ଶିକ୍ଷା ଏହାକୁ ଆହୁରି ସୁଦୃ କରିବ । ଏହିଭଳି ଅନେକ ପ୍ରଗତି ସତ୍ୱେ ମଧ୍ୟ ରାଜ୍ୟ ଅନେକ ପଦ୍ଧତିଗତ ଓ ବ୍ୟବସ୍ଥାଗତ ସମସ୍ୟାମାନଙ୍କର ସମ୍ମୁଖୀନ ହେଉଛି ଯାହା ଶିକ୍ଷା ଓ ଶିକ୍ଷଣକୁ ଯଥେଷ୍ଟ ପ୍ରଭାବିତ କରୁଛି । ଶିକ୍ଷଣ ଫଳାଫଳ ଏବଂ ଇଚ୍ଛିତ ସ୍ତର: ବିଦ୍ୟାଳୟରେ ନାମଲେଖା ଓ ଉପସ୍ଥାନରେ ଉନ୍ନତି ଘଟିଥିଲେ ମଧ୍ୟ, ଶିକ୍ଷଣ ଫଳାଫଳର ସଫଳତା ସେହି ହିସାବରେ ଉନ୍ନତି ଘଟିନାହିଁ । ରାଜ୍ୟ ଓ ଜାତୀୟ ମୂଲ୍ୟାୟନ କ୍ରମାଗତ ଭାବରେ ଏହା ଉଲ୍ଲେଖ କରୁଛି ଯେ, ଅନେକ ବିଦ୍ୟାର୍ଥୀ ପଢ଼ିବା, ଲେଖିବା, ବୁଝିବା, ସଂଖ୍ୟା ବ୍ୟବହାର କରିବା ଓ ସମସ୍ୟା ସମାଧାନ କରିବାର ଦକ୍ଷତା ସହିତ ଆଜି ମଧ୍ୟ ସଂଘର୍ଷ କରୁଛନ୍ତି । ଏହା ସହିତ ଉଚ୍ଚ ପ୍ରାଥମିକ ଶ୍ରେଣୀର ଅନେକ ବିଦ୍ୟାର୍ଥୀ ପ୍ରାଥମିକ ସ୍ତରର ବର୍ଷଗୁଡ଼ିକରେ ଆରମ୍ଭ ହୋଇଥିବା ଶିକ୍ଷଣ ବ୍ୟବଧାନର ସମ୍ମୁଖୀନ ହେଉଛନ୍ତି । ଶିକ୍ଷକ ଅଭାବ ଏବଂ ଶିକ୍ଷକ ନିୟୋଜନରେ ସନ୍ତୁଳନ ରକ୍ଷା: ଅନେକ ବିଦ୍ୟାଳୟରେ ଶିକ୍ଷକଙ୍କର ଅଭାବ ରହିଛି, ବିଶେଷକରି ଗଣିତ, ବିଜ୍ଞାନ, ଇଂରାଜୀ ଏବଂ ଆଦିବାସୀ-ଭାଷା ଶିକ୍ଷଣ ଶିକ୍ଷକମାନଙ୍କର । ଗ୍ରାମୀଣ ବିଦ୍ୟାଳୟମାନଙ୍କରେ ପ୍ରାୟତଃ କେବଳ ଜଣେ କିମ୍ବା ଦୁଇଜଣ ଶିକ୍ଷକ ଏକାଧିକ ଶ୍ରେଣୀ ଓ ଏକାଧିକ ବିଷୟ ଶିକ୍ଷଣ ଦାୟିତ୍ୱରେ ଥାଆନ୍ତି । ପଚାଂୟତ-ବ୍ଲକ-ଜିଲ୍ଲାସ୍ତରରେ ଅସମାନ ଶିକ୍ଷକ ନିଯୁକ୍ତି ଶିକ୍ଷାଗତ ଗୁଣବତା କ୍ଷେତ୍ରରେ ଅସମାନତାକୁ ଆହୁରି ବଢ଼େଇ ଦେଉଛି । ଆଦିବାସୀ ଏବଂ ଦୁର୍ଗମ ଅଚଂଳରେ ସମସ୍ୟା: ଭାରତରେ ଅଧିକ ଆଦିବାସୀ ବସବାସ କରୁଥିବା ରାଜ୍ୟମାନଙ୍କ ମଧ୍ୟରୁ ଓଡ଼ିଶା ଅନ୍ୟତମ । ଏଠାରେ ୬୩ ପ୍ରକାର ଆଦିବାସୀ ସମ୍ପ୍ରଦାୟ ବାସ କରନ୍ତି ଯାହା ରାଜ୍ୟ ମୋଟ ଜନସଂଖ୍ୟାର ପାଖାପାଖି ଶତକଡା ୨୩ ଭାଗ । ପ୍ରତ୍ୟେକ ସମ୍ପ୍ରଦାୟର ନିଜସ୍ୱ ଭାଷା, ସଂସ୍କୃତି ଓ ପରମ୍ପରା ରହିଛି ଓ ସେମାନଙ୍କ ମଧ୍ୟରୁ ଅନେକଙ୍କ ନିଜସ୍ୱ ଲିପି ମଧ୍ୟ ଅଛି । ଏହି ଆଦିବାସୀ ଅଚଂଳମାନଙ୍କରେ ବିଦ୍ୟାଳୟଗୁଡ଼ିକ ଅନନ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି, ଯେମିତିକି– ଅପହଚଂ ଭୌଗୋଳିକ ସ୍ଥିତି, ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା, ବିଦ୍ୟାଳୟ ଭିତିଭୂମି, ଶୈକ୍ଷିକ ପରିବେଶ, ଶିକ୍ଷକଙ୍କ ଅଭାବ ଓ ଅନୁପସ୍ଥିତି, ବହୁଭାଷୀ ଶିକ୍ଷା ଶ୍ରେଣୀଗୃହ ଓ ସର୍ବୋପରି ଅଭିଭାବକଙ୍କର ଶିକ୍ଷାପ୍ରତି ସଚେତନତାର ଅଭାବ ଇତ୍ୟାଦି । ଏଠାରେ ଏହି ଆଦିବାସୀ ପିଲାମାନେ ସେମାନଙ୍କ ମାତୃଭାଷା ପରିବର୍ନ୍ତେ ଅନ୍ୟ ଭାଷାରେ ବିଦ୍ୟାଳୟ ଶିକ୍ଷା ଆରମ୍ଭ କରନ୍ତି, ଯାହା ସେମାନଙ୍କର ପ୍ରାରମ୍ଭିକ ଶିକ୍ଷାକୁ ଅଧିକ କଷ୍ଟକର କରିଥାଏ । ମୌଳିକ ଶିକ୍ଷାର ମାନ: ବିଭିନ୍ନ ଗବେଷଣା ଓ ରାଜ୍ୟ ତଥା ଜାତୀୟ ମୂଲ୍ୟାୟନରେ ଏହା ପ୍ରତିପାଦିତ ହୋଇଛି ଯେ, ଉଚ୍ଚ ପ୍ରାଥମିକ ଶ୍ରେଣୀରେ ପ୍ରବେଶ କରୁଥିବା ଅନେକ ପିଲାଙ୍କ ମୌଳିକ ପଠନ ଏବଂ ଗାଣିତିକ ଦକ୍ଷତାର ଅଭାବ ରହିଛି । କୋଭିଡ-୧୯ ମହାମାରୀ ସମୟରେ ଏହି କ୍ଷତି ମୌଳିକ ଶିକ୍ଷଣ ବ୍ୟବଧାନକୁ ଆହୁରି ବୃଦ୍ଧି କରିଦେଇଛି । ବର୍ତମାନର 'ନିପନ' ଓଡ଼ିଶା ମାଧ୍ୟମରେ ଏହି ବ୍ୟବଧାନକୁ କମ୍ କରି ପ୍ରାରମ୍ଭିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ସମସ୍ତ ଚେଷ୍ଟା କରାଯାଉଛି । ଡିଜିଟାଲ ଶିକ୍ଷା: ବର୍ନ୍ତମାନ ସମୟରେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକର ବହୁଳ ବ୍ୟବହାର ଦେଖାଦେଇଛି । ଶିକ୍ଷାକ୍ଷେତ୍ର ବା ଏଥିରୁ ବାଦ୍ ପଡ଼ିବ କିପରି । ଜାତୀୟ ଶିକ୍ଷା ନୀତି ୨୦୨୦ ମଧ୍ୟ ଏହା ଉପରେ ଗୁରୁତ୍ୱ ଦେଇଛି । କୋଭିଡ ମହାମାରୀ ସମୟରେ ଏହି ଡିଜିଟାଲ ଶିକ୍ଷାର ବହୁଳ ପ୍ରସାର ହୋଇଥିଲା । କିନ୍ତୁ ଦରକାରୀ ଭିତିଭୂମି ଯେମିତିକି- ବିଦ୍ୟୁତ ସଂଯୋଗୀକରଣ, ଇଟଂରନେଟ୍ର ସୀମିତ ସଂଯୋଗ, ସ୍ମାର୍ଟଫୋନର ଅଭାବ ସହିତ ଅନ୍ୟାନ୍ୟ ସହଯୋଗୀ ଭିତିଭୂମି ତଥା ଶିକ୍ଷକ ଓ ଅଭିଭାବକମାନଙ୍କ ମଧ୍ୟରେ ସୀମିତ ଡିଜିଟାଲ ସାକ୍ଷରତା ଅଭାବରୁ ଏହାର ଉପଯୁକ୍ତ ବ୍ୟବହାରରେ ବ୍ୟାଘାତ ସୃଷ୍ଟି ହେଉଛି । ପରୀକ୍ଷା-ମୁଖୀ ଶିକ୍ଷାଦାନ: ବର୍ତମାନ ଶିକ୍ଷା ବ୍ୟବସ୍ଥାରେ ବିଶେଷକରି ପାଠ୍ୟପୁସ୍ତକ ସମାପ୍ତି ଏବଂ ପରୀକ୍ଷା ପ୍ରସ୍ତୁତି ଉପରେ ଅଧିକ ଧ୍ୟାନ ଦିଆଯାଉଛି । ବିଦ୍ୟାର୍ଥୀମାନେ ପ୍ରାୟତଃ ଧାରଣାଗତ ବୁଝାମଣା, ସୃଜନଶୀଳତା, ଯୋଗାଯୋଗ, ସହଯୋଗ, ସମସ୍ୟା ସମାଧାନ ପ୍ରକ୍ରିୟା ଏବଂ ବିଶ୍ଳେଷଣାତ୍ମକ ଚିନ୍ତାଧାରା ବିକାଶ କରିବା ପରିବର୍ତେ ସୂଚନାକୁ ମନେରଖି ପରୀକ୍ଷାରେ ଅଧିକ ନମ୍ବର ରଖିବାକୁ ଗୁରୁତ୍ୱ ଦେଉଛନ୍ତି । ବର୍ତମାନର ବ୍ୟବସାୟ ଆଭିମୁଖ୍ୟ ଶିକ୍ଷାବ୍ୟବସ୍ଥା ଓ ଅଭିଭାବକମାନଙ୍କର ମାନସିକତା ଏହାକୁ କିଛି ପରିମାଣରେ ଇନ୍ଧନ ମଧ୍ୟ ଯୋଗାଉଛି । ଯଦିଓ ଜାତୀୟ ଶିକ୍ଷା ନୀତି-୨୦୨୦ ଦକ୍ଷତା ଆଧାରିତ ଶିକ୍ଷାକୁ ଗୁରୁତ୍ୱ ଦେଉଛି, କିନ୍ତୁ ଆମର ଶିକ୍ଷା ଶିକ୍ଷଣ କାର୍ଯ୍ୟକ୍ରମ ଓ ଶ୍ରେଣୀଗୃହ ଶିକ୍ଷାର ଅଭ୍ୟାସଗୁଡ଼ିକ ଏପର୍ଯ୍ୟନ୍ତ ପାଠ୍ୟପୁସ୍ତକ ସମାପ୍ତି ଏବଂ ପରୀକ୍ଷା ପ୍ରସ୍ତୁତି ଶିକ୍ଷାରୁ ଅଭିଜ୍ଞତାମୂଳକ ଶିକ୍ଷାକୁ ପରିବର୍ତନ ହୋଇପାରିନାହିଁ । ବୃତିଗତ ଶିକ୍ଷାର ସୀମିତ ସୁଯୋଗ: ବର୍ତମାନର ଶିକ୍ଷାବ୍ୟବସ୍ଥାରେ ବୃତିଗତ ଶିକ୍ଷା ସୁଯୋଗ ତୁଳନାତ୍ମକ ଭାବରେ ଦୁର୍ବଳ ରହିଛି । ବର୍ତମାନର ବିଦ୍ୟାର୍ଥୀ ବ୍ୟାବହାରିକ ଦକ୍ଷତା, ଉଦ୍ୟୋଗଭିତିକ ଶିକ୍ଷା, କୃଷି, ସ୍ଥାନୀୟ ହସ୍ତଶିଳ୍ପ, ଆର୍ଥିକ ସାକ୍ଷରତା, କୋଡ଼ିଂ, ପ୍ରଯୁକ୍ତିବିଦ୍ୟାର ପ୍ରୟୋଗାତ୍ମକ ବ୍ୟବହାର କିମ୍ବା ପ୍ରଯୁକ୍ତିବିଦ୍ୟାର ଅନୁସନ୍ଧାନ କରିବା ପାଇଁ ସୀମିତ ସୁଯୋଗ ପାଉଛନ୍ତି, ଯାହା ଜୀବିକା ବା ବ୍ୟବସାୟଭିତିକ ସଚେତନତା ଏବଂ ନିଯୁକ୍ତି କ୍ଷମତାକୁ ସୀମିତ କରୁଛି, ବିଶେଷକରି ଯାହା ଗ୍ରାମୀଣ ଯୁବପିଢ଼ିମାନଙ୍କ ମଧ୍ୟରେ ଅଧିକ ପରିଲକ୍ଷିତ ହେଉଛି । ପ୍ରାକ୍-ଶୈଶବ ଶିକ୍ଷା ପାଇଁ ଭିତିଭୂମି ଓ ଶିକ୍ଷାବ୍ୟବସ୍ଥା: ଯଦିଓ ବର୍ନ୍ତମାନ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ ଶିଶୁର ଅନ୍ୟାନ୍ୟ ବିକାଶ ପାଇଁ ଆନୁଷଙ୍ଗିକ କାର୍ଯ୍ୟକ୍ରମ ସହିତ ପ୍ରାକ୍-ଶୈଶବ ଶିକ୍ଷା ପ୍ରଦାନ କରୁଛନ୍ତି, କିନ୍ତୁ ଉତମ ଭିତିଭୂମି, ଶିଶୁ-ଶିକ୍ଷା-ଶିକ୍ଷଣ ସାମଗ୍ରୀ, ପ୍ରଶିକ୍ଷିତ ଅଙ୍ଗନବାଡି କର୍ମୀ ଏବଂ ବିଦ୍ୟାଳୟ ଶିକ୍ଷା ପ୍ରସ୍ତୁତି କାର୍ଯ୍ୟକ୍ରମରେ ବହୁଳ ଭାବରେ ବିବିଧତା ରହିଛି । ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ପ୍ରାକ୍-ଶୈଶବ ଶିକ୍ଷା ସହିତ ପ୍ରାରମ୍ଭିକ ଶିକ୍ଷା ମଧ୍ୟରେ ଦୃଢ଼ ସମନ୍ୱୟ ଆଣି ମୂଳଦୁଆ ଶିକ୍ଷାକୁ ଦୃଢ଼ଭାବେ ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି । ସମନ୍ୱିତ ଶିକ୍ଷାର ଆବଶ୍ୟକତା: ସମସ୍ତଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥାକୁ ଲକ୍ଷ୍ୟରଖି ବିଦ୍ୟାଳୟ ଶିକ୍ଷା ଓ ଶ୍ରେଣୀଗୃହକୁ ଏପରି ଭାବେ ବ୍ୟବସ୍ଥିତ କରିବା ଯେ, ବିଭିନ୍ନ କାରଣରୁ ଶିକ୍ଷଣ ଶିକ୍ଷା କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଭାବେ ଭାଗ ନେଇନପାରୁଥିବା ପିଲା ବା ବିଭିନ୍ନ ପ୍ରତିବନ୍ଧକଗୁଡ଼ିକର ସମ୍ମୁଖୀନ ହେଉଥିବା ପିଲାମାନେ କିପରି ସୁଚାରୁ ରୂପେ ଶିକ୍ଷଣ ଶିକ୍ଷା କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ସେଥିପ୍ରତି ବିଶେଷ ଧ୍ୟାନଦେବା । ସମସ୍ତ ପିଲାଙ୍କ ପାଇଁ ବିବିଧ ଶିକ୍ଷା ଆବଶ୍ୟକତାର ପୂରଣ ପାଇଁ ବିଦ୍ୟାଳୟଗୁଡ଼ିକୁ ଅଧିକ ସମ୍ବଳ ଓ କ୍ଷମତା ଆବଶ୍ୟକ, ଯାହା ସମନ୍ୱିତ ଶିକ୍ଷାରେ ବ୍ୟାଘାତ ସୃଷ୍ଟି କରୁଛି । ଯଦିଓ ଆମ ରାଜ୍ୟର ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ଶିକ୍ଷା କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆରମ୍ଭ କରିଛି, ଯେମିତିକି ଘଓଚଟଘ ଓଡ଼ିଶା କାର୍ଯ୍ୟାନ୍ୱୟନ, ଦକ୍ଷତା-ଆଧାରିତ ପାଠ୍ୟକ୍ରମରେ ସଂସ୍କାର, ଶିକ୍ଷକ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମ, ଡିଜିଟାଲ ଶିକ୍ଷା ପଦକ୍ଷେପ, ପ୍ରଧାନମନ୍ତ୍ରୀ ଶ୍ରୀ ବିଦ୍ୟାଳୟ, ସୁଦୃଢ଼ ବିଦ୍ୟାଳୟ ଭିତିଭୂମି ଏବଂ ମୂଲ୍ୟାଙ୍କନ ଅଭ୍ୟାସକୁ ଉନ୍ନତ କରିବା ଇତ୍ୟାଦି । ଆହୁରି ମଧ୍ୟ ଅଭିଜ୍ଞତାମୂଳକ ଶିକ୍ଷା, ମାତୃଭାଷାଭିତିକ ବହୁଭାଷୀ ଶିକ୍ଷା, ମୌଳିକ ସାକ୍ଷରତା ଏବଂ ସାମଗ୍ରିକ ବିକାଶକୁ ଶ୍ରେଣୀଗୃହ ଅଭ୍ୟାସରେ ସଂଯୋଜିତ କରିବା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ, ଜାତୀୟ ଶିକ୍ଷା ନୀତି-୨୦୨୦ର ନୀତି ସହିତ ସମନ୍ୱିତ ପାଠ୍ୟକ୍ରମ ସଂଶୋଧନ ଏବଂ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛି । ତଥାପି, ବିଭିନ୍ନ କାର୍ଯ୍ୟାନ୍ୱୟନରେ ଅସମାନତା ରହିଛି । କେତେକ ସହରାଚଂଳ ଏବଂ ସମ୍ବଳିତ ବିଦ୍ୟାଳୟଗୁଡ଼ିକ ପ୍ରଗତି ହାସଲ କରିଥିବାବେଳେ, ଗ୍ରାମାଚଂଳ ଏବଂ ଆଦିବାସୀ ବିଦ୍ୟାଳୟଗୁଡ଼ିକ ଦକ୍ଷତା ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି । ବିଷୟବସ୍ତୁ-ଆଧାରିତ ଶିକ୍ଷାଦାନରୁ ଦକ୍ଷତା ଆଧାରିତ ଶିକ୍ଷଣ-ଶିକ୍ଷାକୁ ପରିବର୍ନ୍ତନ ହେବା ଜରୁରି । ସେହିପରି, ମୂଲ୍ୟାଙ୍କନରେ ସଂସ୍କାର, ବୃତିଗତ ଶିକ୍ଷାର ପ୍ରସାର, ପ୍ରଯୁକ୍ତିବିଦ୍ୟାର ସମନ୍ୱୟ ଏବଂ ବହୁବିଧ ଶିକ୍ଷା ପାଇଁ ନିରନ୍ତର ବିବେଚନା-ଆଲୋଚନା-ପର୍ଯ୍ୟାଲୋଚନା, ଆର୍ଥି କ ନିବେଶ, ବ୍ୟବସ୍ଥା ଓ ସଂସ୍ଥାଗତ ସହାୟତା ଏବଂ ରାଜନୈତିକ ପ୍ରତିବଦ୍ଧତା ଆବଶ୍ୟକ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଜଗନ୍ନାଥ ମନ୍ଦିରରୁ ଟଙ୍ଗୋଘାଟ ରାସ୍ତା ବେହାଲ, ବର୍ଷାରେ କାଦୁଅ ଓ ବଡ଼ ବଡ଼ ଗାତ

ଝାରସୁଗୁଡ଼ା,୧୩/୮(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଅନ୍ତର୍ଗତ ଲଇକେରା ଗ୍ରାମର ଜଗନ୍ନାଥ ମନ୍ଦିରଠାରୁ ନଦୀର ଟଙ୍ଗୋଘାଟକୁ ସଂଯୋଗ କରୁଥିବା ରାସ୍ତାଟି ଦୀର୍ଘଦିନ ହେଲା ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ବର୍ଷା ଋତୁ ଆସିଲେ ଏହି ରାସ୍ତାର ଦୁର୍ଦ୍ଦଶା ଆହୁରି ବଢ଼ିଯାଉଛି। ସମଗ୍ର ରାସ୍ତାରେ ଆଣ୍ଠୁଏ ପର୍ଯ୍ୟନ୍ତ କାଦୁଅ ଜମିବା ସହ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତାରେ ଯାତାୟାତ କରିବା ଏବେ ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼ିଛି। ଏହି ରାସ୍ତା ଉପରେ ଲଇକେରା ଗ୍ରାମ ସମେତ ଆଖପାଖ ଅଂଚଳର ଶହ ଶହ ଲୋକ ନିର୍ଭରଶୀଳ। ଦୈନନ୍ଦିନ ଯାତାୟାତ ସହ ଚାଷକାର୍ଯ୍ୟ ପାଇଁ ଜମିକୁ ଯିବା, ନଦୀରୁ ବିଭିନ୍ନ ଆବଶ୍ୟକତା ପୂରଣ କରିବା ଏବଂ ଘରୋଇ ବ୍ୟବହାର ପାଇଁ ଗ୍ୟାସ୍ ସିଲିଣ୍ଡର ନେବାଆଣିବା କରିବାରେ ଏହି ରାସ୍ତାର ଗୁରୁତ୍ୱ ରହିଛି। ମାତ୍ର ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଲୋକଙ୍କ ଦୈନନ୍ଦିନ ଜୀବନ ଏବେ ଦୁର୍ବିସହ ହୋଇପଡ଼ିଛି। ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ଏହି ରାସ୍ତାରେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅତ୍ୟଧିକ କାଦୁଅ ଯୋଗୁଁ ବାଇକ୍ ଚକା ଖସିଯାଇ ଚାଳକମାନେ ପଡ଼ି ଆହତ ହେଉଥିବା ଅଭିଯୋଗ ହେଉଛି। ଏପରିକି ଭାରୀ ସାମଗ୍ରୀ, ବିଶେଷକରି ରନ୍ଧନ ଗ୍ୟାସ୍ ସିଲିଣ୍ଡର ନେବାଆଣିବା କରିବା ସମୟରେ ଲୋକଙ୍କୁ ବହୁ ହଇରାଣ ହେବାକୁ ପଡୁଛି। ରାସ୍ତାରେ ଗାଡ଼ି ଯିବା କଷ୍ଟକର ହୋଇଥିବାରୁ ଅନେକ ସମୟରେ ଲୋକଙ୍କୁ ମୁଣ୍ଡରେ କିମ୍ବା ହାତରେ ସାମଗ୍ରୀ ବୋହି ନେବାକୁ ପଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ବର୍ଷା ଲାଗି ରହିବାରୁ ରାସ୍ତାର ମାଟି ନରମ ହୋଇଯିବା ସହ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ଫଳରେ ରାସ୍ତାଟି ଚିହ୍ନଟ କରିବା ମଧ୍ୟ କଷ୍ଟକର ହୋଇପଡୁଛି। ଗାତଗୁଡ଼ିକରେ ପାଣି ଜମି ରହୁଥିବାରୁ ଏହାର ଗଭୀରତା ଜଣାପଡୁନାହିଁ। ଏଥିପାଇଁ ଯାନବାହନ ଚାଳକମାନେ ଦୁର୍ଘଟଣାର ଆଶଙ୍କାରେ ଯାତାୟାତ କରୁଛନ୍ତି। ଅଂଚଳବାସୀଙ୍କ କହିବାନୁଯାୟୀ, ରାସ୍ତାଟିର ଏଭଳି ଦୁରବସ୍ଥା ଦୀର୍ଘଦିନ ଧରି ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇନାହିଁ। ପ୍ରତିବର୍ଷ ବର୍ଷା ସମୟରେ ସମାନ ସମସ୍ୟା ଦେଖାଦେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିଚାଲିଛି। କେବଳ ଅସ୍ଥାୟୀ ଭାବେ ମାଟି କିମ୍ବା ମୋରମ ପକାଇ ସମସ୍ୟାର ସମାଧାନ ନକରି ରାସ୍ତାଟିର ସ୍ଥାୟୀ ଭାବେ ପକ୍କା ନିର୍ମାଣ କରାଯିବାକୁ ଅଂଚଳବାସୀ ଦାବି କରିଛନ୍ତି। ଏହି ସମସ୍ୟା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଆଶିଷ ଲେଙ୍କାଙ୍କ ସହ ଯୋଗାଯୋଗ କରି ବିଭାଗୀୟ ପ୍ରତିକ୍ରିୟା ଜାଣିବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ସେ ଫୋନ୍ ଗ୍ରହଣ ନକରିବାରୁ ଏନେଇ ବିଭାଗୀୟ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେଣୁ ଜଗନ୍ନାଥ ମନ୍ଦିରରୁ ଟଙ୍ଗୋଘାଟ ପର୍ଯ୍ୟନ୍ତ ରାସ୍ତାର ତୁରନ୍ତ ମରାମତି ସହ ଆଗାମୀ ଦିନରେ ଏହାକୁ ପକ୍କା ରାସ୍ତାରେ ପରିଣତ କରିବାକୁ ଲଇକେରା ଗ୍ରାମବାସୀ ଓ ଅଂଚଳବାସୀ ଦାବି କରିଛନ୍ତି। ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନନେଲେ ଆଗାମୀ ଦିନରେ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିବ ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି।

# କୋଲାବିରାରେ ବର୍ଷାର ତାଣ୍ଡବ

## ଭୁଶୁଡ଼ିଲା ଘର, ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ

ଝାରସୁଗୁଡ଼ା,୧୩/୮(ନି/ପ୍ର): ଲଗାଣ ବର୍ଷା ଯୋଗୁଁ ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକରେ ଜନଜୀବନ ପ୍ରଭାବିତ ହୋଇଛି। ପ୍ରାୟ ୧୫ ଦିନ ଧରି ଅବିରତ ବର୍ଷା ଲାଗି ରହିଥିବାରୁ ଗୋଟିଏ ପଟେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ବେଳେ ଅନ୍ୟପଟେ ଦୁର୍ବଳ ଘରଗୁଡ଼ିକ ପ୍ରତି ବିପଦ ବଢ଼ିଛି। ଏହି ବର୍ଷା ଯୋଗୁଁ କୋଲାବିରା ଗ୍ରାମରେ ଜଣେ ଚାଷୀଙ୍କ ଛପର ଘର ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କୋଲାବିରା ଗ୍ରାମର ଫକୀର ସାହୁଙ୍କ ଛପର ଘର ଲଗାଣ ବର୍ଷା ଯୋଗୁଁ ଦୁର୍ବଳ ହୋଇ ଶେଷରେ ଭାଙ୍ଗି ପଡ଼ିଛି। ଘର ଭୁଶୁଡ଼ି ପଡ଼ିବା ଫଳରେ ଘର ଭିତରେ ଥିବା ଅନେକ ଆସବାବପତ୍ର ଭଙ୍ଗା କାନ୍ଥ ଓ ଛପର ତଳେ ଚାପି ହୋଇ ରହିଯାଇଥିବା ଫକୀର ସାହୁ ସୂଚନା ଦେଇଛନ୍ତି। ଘର ଭାଙ୍ଗିଯିବା ପରେ ପରିବାର ଲୋକେ ଆଶ୍ରୟ ନେବା ନେଇ ଚିନ୍ତାରେ ପଡ଼ିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ପରେ କୋଲାବିରା ରାଜସ୍ୱ ଅଧିକାରୀ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଭାଙ୍ଗି ପଡ଼ିଥିବା ଘର ଓ ନଷ୍ଟ ହୋଇଥିବା ସାମଗ୍ରୀର ଅନୁଧ୍ୟାନ କରି କ୍ଷୟକ୍ଷତିର ଆକଳନ କରାଯାଇଥିବା ସୂଚନା ମିଳିଛି। ଏଥିସହିତ ତତ୍କାଳୀନ ସହାୟତା ସ୍ୱରୂପ କ୍ଷତିଗ୍ରସ୍ତ ଫକୀର ସାହୁଙ୍କୁ ଏକ ତାରପୋଲିନ୍ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ, ଲଗାଣ ବର୍ଷା ଯୋଗୁଁ ଅଂଚଳରେ ଚାଷ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଚାଷୀମାନେ ଜମିରେ ଆବଶ୍ୟକ କାର୍ଯ୍ୟ ସମୟ ଅନୁସାରେ କରିପାରୁ ନଥିବାରୁ ଚିନ୍ତା ବଢ଼ିଛି। ଏହାସହ ଲଗାତାର ବର୍ଷା ଯୋଗୁଁ ଆହୁରି କେତେକ ଦୁର୍ବଳ ଘର କ୍ଷତିଗ୍ରସ୍ତ ହୋଇଥିବା ନେଇ ଅଭିଯୋଗ ଆସିଛି। ବର୍ଷା ଜାରି ରହିଥିବାରୁ ପ୍ରଶାସନ ପକ୍ଷରୁ ଦୁର୍ବଳ ଘର ଓ ବର୍ଷାଜନିତ କ୍ଷୟକ୍ଷତି ଉପରେ ନଜର ରଖିବା ସହ କ୍ଷତିଗ୍ରସ୍ତ ପରିବାରଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବିଶ୍ୱ ହସ୍ତୀ ଦିବସରେ ମାଈ ହାତୀର ମୃତଦେହ ଠାବ



ସମ୍ବଲପୁର,୧୩/୮(ନି/ପ୍ର): ବିଶ୍ୱ ହାତୀ ଦିବସ ଉପଲକ୍ଷେ ବଡ଼ ଉପହାର। ଆଜି ହାତୀ ଦିବସ ହୋଇଥିବା ବେଳେ ସମ୍ବଲପୁରରେ ଜିଲ୍ଲାରେ ହାତୀ ମୃତ୍ୟୁ ଥମୁ ନଥିବାର ନାଁ ନେଉନାହିଁ। ଆଜି ପୁଣି ଏକ ହାତୀ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି। ସଦର ରେଞ୍ଜ ମୁଣ୍ଡେର ସ୍ଥିତ ଜଙ୍ଗଲରେ ଗୋଟିଏ ମାଈ ହାତୀର ମୃତଦେହ ଠାବ କରାଯାଇଛି। ସୂଚନା ଅନୁଯାୟୀ, ୩ ଦିନ ହେବ ମାଈ ହାତୀର ମୃତ୍ୟୁ ହୋଇଥିବା ବେଳେ ହାତୀର ମୃତଦେହରୁ ଦୁର୍ଗନ୍ଧ ହେବାରୁ ଆଜି ଜଣାପଡିଥିଲା। ଘଟଣା ସ୍ଥଳକୁ ବନ ବିଭାଗ ପହଚିଂ ଛାନଭିନ ଆରମ୍ଭ କରିଛି। ତେବେ ହାତୀକୁ କିଏ ମାରିଛି କି ହାତୀର ସ୍ୱାଭାବିକ ମୃତ୍ୟୁ ହୋଇଛିତାହାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ତେବେ ମାସକ ପୂର୍ବରୁ ପଡିବହାଲ ରେଞ୍ଜ ମିର୍ଧାପଡା ଜଙ୍ଗଲରୁ ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଥିଲା। ବିଦ୍ୟୁତ ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା ବେଳେ ଦୁର୍ଗନ୍ଧ ହେବା ପରେ ବନ ବିଭାଗ ଖବର ପାଇ ମୃତଦେହ ଉଦ୍ଧାର କରିଥିଲା।

## ମନମୋହନ ସ୍କୁଲ ପଡ଼ିଆରେ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପରେଡ୍ ରିହର୍ସଲ ଆରମ୍ଭ

ଝାରସୁଗୁଡ଼ା,୧୩/୮(ନି/ପ୍ର): ଦେଶର ୮୦ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ମନମୋହନ ସ୍କୁଲ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପରେଡ୍ ରିହର୍ସଲ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ମହାସମାରୋହକୁ ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ମୋଟ ୩ ଦିନ ଧରି ଏହି ଅଭ୍ୟାସ କାର୍ଯ୍ୟକ୍ରମ ଜାରି ରହିବ। ଚଳିତ ବର୍ଷ ଜିଲ୍ଲାସ୍ତରୀୟ ପରେଡ୍ରେ ପୋଲିସର ବିଭିନ୍ନ ପ୍ଲାଟୁନ୍ ସମେତ ବିଭିନ୍ନ ବିଦ୍ୟାଳୟର ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ସମୁଦାୟ ୩୦ଟି ପ୍ଲାଟୁନ୍ ଭାଗ ନେଉଛନ୍ତି। ଏହାସହ ଚଳିତ ବର୍ଷ ପୋଲିସ ବ୍ୟାଣ୍ଡ ସହିତ ବିଭିନ୍ନ ସ୍କୁଲ ମଧ୍ୟ ନିଜର ଶ୍ରେଷ୍ଠ କଳା ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ଜିଲ୍ଲାସ୍ତରୀୟ ପରେଡ୍ ସମାରୋହକୁ ପୋଲିସ ଆର.ଆଇ. ଅନୀଲ କୁମାର ମୁଖୀ ନେତୃତ୍ୱ ନେଉଥିବା ବେଳେ ସେକେଣ୍ଡ ଇନ୍ କମାଣ୍ଡ ଭାବେ ଅଶ୍ୱିନୀ କୁମାର ମାଝୀ ପରିଚାଳନା କରୁଛନ୍ତି। ପରେଡ୍କୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବିଭିନ୍ନ ସ୍କୁଲର ପି.ଇ.ଟି. ଶିକ୍ଷକ, ଏନ୍.ସି.ସି. ଶିକ୍ଷକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିଆରସିଂହ, ବିଭାଗୀୟ କର୍ମଚାରୀ ନିହାଲ ଭୋଇ, ରବୀନ୍ଦ୍ର ନିଆଲ, ମନବୋଧ ବଗର୍ତୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ରୀଙ୍କ ଅକାଳ ବିୟୋଗରେ କୋଲାବିରା କଲେଜରେ ଶୋକସଭା

ଝାରସୁଗୁଡ଼ା,୧୩/୮(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କଲେଜ) ର ଯୁକ୍ତ ୨ କଳା ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରିୟଙ୍କା ରାଉତ(୧୭)ଙ୍କ ସୋମବାର ବୁର୍ଲା ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ହଠାତ୍ କୌଣସି ଏକ ମସ୍ତିଷ୍କ ରୋଗରେ ପୀଡ଼ିତ ଥିବା ସୂଚନା ମିଳିଛି। ଛାତ୍ରୀ ଜଣକ କୋଲାବିରା ପଂଚାୟତ ତରେଇକେଲା ଗ୍ରାମର ସୌକିଲାଲ ରାଉତଙ୍କ ଝିଅ ଅଟନ୍ତି। ଛାତ୍ରୀଙ୍କ ଅକାଳ ବିୟୋଗରେ ତରେଇ କେଲା ଗ୍ରାମ ସହ କଲେଜରେ ଗଭୀର ଶୋକ ପ୍ରକାଶ ପାଇଛି। ମଙ୍ଗଳବାର କଲେଜ ଅଧ୍ୟକ୍ଷା ଶୋଭାରାଣୀ ସିଂ ଙ୍କ ସଭାପତିତ୍ୱରେ କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇ ସ୍ୱର୍ଗତ ଛାତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅମର ଆତ୍ମାର ସଦଗତି କାମନା କରି୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥଲା। ଅନୁଷ୍ଠିତ ଶୋକସଭାରେ ଅଧ୍ୟାପିକା ଭାରତୀ ପଟେଲ, ଅଧ୍ୟାପକ ପ୍ରଦୀପ ମିଶ୍ର, ମାନସ ପୁରୋହିତ, ସୁନିଲ ହୋତା, ପ୍ରଦୀପ ସାହୁ, ତପନ ସାହୁ, ସୁମିତ୍ରା ନାଏକ, ଡୋମିନିକା ଲାକ୍ରା, ମାମାଲି ମାହାନା, ସୁଷମା ପାଣ୍ଡେ, ଅଣଶିକ୍ଷକ କର୍ମଚାରୀ ରାମ ସାହୁ, ଗୋବିନ୍ଦ ବୁଦୁଲା, ମିଥିଳା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ମାଲ ଥାନାରେ ବରିଷ୍ଠ ନାଗରିକଙ୍କ ପାଇଁ ସାଇବର ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୩/୮(ନି/ପ୍ର): ଦିନକୁ ଦିନ ବଢ଼ିଚାଲିଥିବା ସାଇବର ଅପରାଧ ଓ ଅନଲାଇନ୍ ଠକେଇକୁ ନେଇ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ବଡ଼ମାଲ ଥାନା ପରିସରରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବଡ଼ମାଲ ଥାନାଧିକାରୀ ଦିଲୀପ ବେହେରା ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା ସଭାରେ ବରିଷ୍ଠ ନାଗରିକମାନଙ୍କୁ ବର୍ତ୍ତମାନ ସମୟରେ ସାଇବର ଠକେଇର ବିଭିନ୍ନ ନୂଆ କୌଶଳ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇ ଦିଆଯାଇଥିଲା। ବିଶେଷ କରି ଏବେ ସାଇବର ଠକମାନଙ୍କ ଦ୍ୱାରା ଅବଲମ୍ବନ କରାଯାଉଥିବା 'ଡିଜିଟାଲ୍ ଆରେଷ୍ଟ' ଠକେଇ ସମ୍ପର୍କରେ ବରିଷ୍ଠ ନାଗରିକମାନଙ୍କୁ ସତର୍କ କରାଯାଇଥିଲା। ଠକମାନେ ପୁଲିସ, ସିବିଆଇ, ଇଡି କିମ୍ବା ଅନ୍ୟ କୌଣସି ସରକାରୀ ସଂସ୍ଥାର ଅଧିକାରୀ ପରିଚୟ ଦେଇ ଫୋନ୍ କରିବା, ଭିଡିଓ କଲ୍ରେ ଭୟଭୀତ କରିବା ଏବଂ ଆଇନଗତ ମାମଲାରେ ଫସିଥିବା କହି ଟଙ୍କା ଦାବି କରିବା ଭଳି ଘଟଣା ଘଟୁଛି। ଏପରି ଫୋନ୍ କିମ୍ବା ଭିଡିଓ କଲ୍ରେ ଭୟଭୀତ ନହୋଇ ତୁରନ୍ତ କଲ୍ କାଟିଦେବା ଏବଂ ସମ୍ପୃକ୍ତ ଘଟଣା ସମ୍ପର୍କରେ ପୁଲିସକୁ ଜଣାଇବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବା ସହିତ ଓଟିପି, ଏଟିଏମ୍/ଡେବିଟ୍ କାର୍ଡ ତଥ୍ୟ, ବ୍ୟାଙ୍କ ଆକାଉଂଟ ସୂଚନା, ପାସୱାର୍ଡ ଓ ବ୍ୟକ୍ତିଗତ ତଥ୍ୟ କୌଣସି ଅଜଣା ବ୍ୟକ୍ତିଙ୍କ ସହ ଶେୟାର ନକରିବାକୁ ସଚେତନ କରାଯାଇଥିଲା। ସନ୍ଦେହଜନକ ଲିଙ୍କରେ କ୍ଲିକ୍ ନକରିବା, ଅଜଣା ଆପ୍ ଡାଉନଲୋଡ୍ ନକରିବା ଏବଂ ସୋସିଆଲ୍ ମିଡିଆରେ ବ୍ୟକ୍ତିଗତ ତଥ୍ୟ ଶେୟାର କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା। ବରିଷ୍ଠ ନାଗରିକମାନେ ସାଇବର ଠକେଇର ମୁଖ୍ୟ ଟାର୍ଗେଟ୍ ହେବାର ସମ୍ଭାବନା ଥିବାରୁ ଅଜଣା ଫୋନ୍ କଲ୍, ମେସେଜ୍, ଇ-ମେଲ୍ କିମ୍ବା ଅନଲାଇନ୍ ପ୍ରସ୍ତାବ ଉପରେ ତୁରନ୍ତ ବିଶ୍ୱାସ ନକରିବାକୁ କୁହାଯାଇଥିଲା। କୌଣସି ବ୍ୟାଙ୍କ କିମ୍ବା ସରକାରୀ ସଂସ୍ଥାର ନାମ ନେଇ କେହି ଫୋନ୍ କଲେ ମଧ୍ୟ ତାଙ୍କ ପରିଚୟ ଯାଂଚ ନକରି କୌଣସି ଆର୍ଥିକ କାରବାର ନକରିବାକୁ ସଚେତନ କରାଯାଇଥିଲା। ଏହା ସହିତ ସାଇବର ଠକେଇର ଶିକାର ହେଲେ ଭୟଭୀତ ନହୋଇ ଯଥାଶୀଘ୍ର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ସୁରକ୍ଷିତ ଡିଜିଟାଲ୍ ଅଭ୍ୟାସ ଗ୍ରହଣ କରିବା ସହିତ ନିଜ ପରିବାରର ସଦସ୍ୟ ଓ ପରିଚିତମାନଙ୍କୁ ମଧ୍ୟ ସାଇବର ଠକେଇ ବିଷୟରେ ସଚେତନ କରିବାକୁ ଆହ୍ୱାନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ବଡ଼ମାଲ ଥାନା ଅଧୀନସ୍ଥ ସାପଡ଼ା, ତରେଇକେଲା, ହିର୍ମା, ଶ୍ରୀପୁରା, ତୁମ୍ବେକେଲା ଓ ବଡ଼ମାଲ ଅଂଚଳର ବହୁ ସଂଖ୍ୟକ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ସାଇବର ଅପରାଧରୁ ନିଜକୁ ତଥା ନିଜ ପରିବାରକୁ ସୁରକ୍ଷିତ ରଖିବା ପାଇଁ ସଚେତନ ଓ ସତର୍କ ରହିବା ଉପରେ ଏହି କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବର୍ତ୍ତମାନ ଡିଜିଟାଲ୍ ଯୁଗରେ ଅନଲାଇନ୍ ସେବାର ବ୍ୟବହାର ବଢୁଥିବା ବେଳେ ଏଭଳି ସଚେତନତା କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କୁ ସାଇବର ଅପରାଧ ସମ୍ପର୍କରେ ସଚେତନ କରିବା ସହିତ ଠକେଇରୁ ରକ୍ଷା ପାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ମତ ପ୍ରକାଶ ପାଇଥିଲା।

# ଝାରସୁଗୁଡ଼ାରେ ମୌସୁମୀ ବର୍ଷାର ଝଲକ: ଲଖନପୁରରେ ସର୍ବାଧିକ ୨୩.୬ ମି.ମି

ଝାରସୁଗୁଡ଼ା,୧୩/୮(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଅଂଚଳରେ ଗତ ୨୪ ଘଂଟା ମଧ୍ୟରେ ମଧ୍ୟମରୁ ହାଲୁକା ବର୍ଷା ରେକର୍ଡ ହୋଇଛି। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ, ଝାରସୁଗୁଡ଼ା ପକ୍ଷରୁ ପ୍ରକାଶିତ ବର୍ଷା ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ମୋଟ ୭୬.୧ ମିଲିମିଟର ବର୍ଷା ହୋଇଥିବା ବେଳେ ଜିଲ୍ଲାର ହାରାହାରି ବର୍ଷା ପରିମାଣ ୧୫.୨୨ ମିଲିମିଟର ରହିଛି। ପ୍ରକାଶିତ ତଥ୍ୟ ଅନୁସାରେ, ଜିଲ୍ଲା ସଦର ଝାରସୁଗୁଡ଼ାରେ ୧୯.୨ ମି.ମି., କୋଲାବିରାରେ ୬.୨ ମି.ମି., ଲଇକେରାରେ ୧୪.୧ ମି.ମି., କିର୍ମିରାରେ ୧୩.୦ ମି.ମି. ଏବଂ ଲଖନପୁରରେ ୨୩.୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ବର୍ଷା ପରିମାଣକୁ ତୁଳନା କଲେ ଲଖନପୁର ବ୍ଲକ୍ ରେ ସର୍ବାଧିକ ୨୩.୬ ମି.ମି. ବର୍ଷା ହୋଇଥିବା ବେଳେ କୋଲାବିରାରେ ସର୍ବନିମ୍ନ ୬.୨ ମି.ମି. ବର୍ଷା ରେକର୍ଡ ହୋଇଛି। ଝାରସୁଗୁଡ଼ା ସହର ଅଂଚଳରେ ମଧ୍ୟ ୧୯.୨ ମି.ମି. ବର୍ଷା ହୋଇଛି। ଅନ୍ୟପକ୍ଷରେ ଲଇକେରା ଓ କିର୍ମିରା ଅଂଚଳରେ ଯଥାକ୍ରମେ ୧୪.୧ ଓ ୧୩.୦ ମି.ମି. ବର୍ଷା ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ଗତ ୨୪ ଘଂଟାର ବର୍ଷା ପରିମାଣ ଦେଖିଲେ ଜିଲ୍ଲାର ସମସ୍ତ ଅଂଚଳରେ ବର୍ଷାର ବଂଟନରେ ଭିନ୍ନତା ପରିଲକ୍ଷିତ ହୋଇଛି। ବିଶେଷକରି ଲଖନପୁରରେ ଅନ୍ୟ ଅଂଚଳ ତୁଳନାରେ ଅଧିକ ବର୍ଷା ହୋଇଛି। ତେବେ ବର୍ତ୍ତମାନର ବର୍ଷା ପରିମାଣ ଯୋଗୁଁ ଜିଲ୍ଲାରେ କୌଣସି ବଡ଼ଧରଣର ଅଘଟଣ କିମ୍ବା ଜନଜୀବନ ପ୍ରଭାବିତ ହେବା ସମ୍ପର୍କରେ ଏହି ରିପୋର୍ଟରେ କୌଣସି ସୂଚନା ଦିଆଯାଇନାହିଁ। ଜିଲ୍ଲାରେ ବର୍ଷାର ପରିମାଣ ଓ ପରିସ୍ଥିତି ଉପରେ ସମ୍ପୃକ୍ତ ପ୍ରଶାସନ ପକ୍ଷରୁ ନଜର ରଖାଯାଉଥିବା ଜଣାପଡ଼ିଛି।

# ୭୫ ଫୁଟର ତ୍ରିରଙ୍ଗା ଧରି ବୁଲିଲେ ଛାତ୍ରଛାତ୍ରୀ




କନ୍ଧମାଳ,୧୩/୮(ନି/ପ୍ର): ଦିନକ ପରେ ଭାରତ ୮୦ତମ ସ୍ୱାଧୀନତା ଦିବସ ପାଳନ କରିବ। ଏହି ଅବସରରେ ସାରା ଦେଶରେ 'ହର ଘର ତ୍ରିରଙ୍ଗା' ମହୋତ୍ସବ ପାଳନ କରାଯାଉଛି। ବିଭିନ୍ନ ସାମାଜିକ ସଙ୍ଗଠନ ଓ ରାଜନୈତିକ ଦଳ ପକ୍ଷରୁ ବିଭିନ୍ନ ମାଧ୍ୟମରେ ଏହି ମହୋତ୍ସବ ପାଳନ କରୁଥିବା ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରି ସହରରେ ଫୁଲବାଣୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଉମା ଚରଣ ମଲିକଙ୍କ ନେତୃତ୍ୱରେ ହର ଘର ତ୍ରିରଙ୍ଗା ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, ତହସିଲଦାର ସମୁଦ୍ର ମିଶ୍ର, ବିଡିଓ ସତ୍ୟନାରାୟଣ ମିଶ୍ର, ଅତିରିକ୍ତ ତହସିଲଦାର ଦେବାଶିଷ ଜେନା, ଜିପିଓ ଅନୀଲ ପଟ୍ଟନାୟକଙ୍କ ସମେତ ଭେଙ୍କଟେଶ୍ୱର ବେହେରା, ଜ୍ଞାନ ଚନ୍ଦ୍ର ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ପ୍ରଶାନ୍ତ ପୁନି ପ୍ରମୁଖ ୭୫ ଫୁଟ ଲମ୍ବର ତ୍ରିରଙ୍ଗା ପତାକା ନେଇ ସମଗ୍ର ସହର ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତର ଧ୍ୱନି ସହ ତ୍ରିରଙ୍ଗା ଯାତ୍ରା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଳିକା ଉଚ୍ଚ ବିଦ୍ୟାଳୟ,ହବାକ ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, କଳିଙ୍ଗ ମହାବିଦ୍ୟାଳୟ, ଏମଏମସି ନର୍ସିଂ ସ୍କୁଲ, ଶିଶୁ ମନ୍ଦିର ଏବଂ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ଧର୍ମଶାଳା ବିଜେପି ପକ୍ଷରୁ ବିଭିନ୍ନ ସ୍ଥାନରେ ଘରଘର ତ୍ରିରଙ୍ଗା ଯାତ୍ରା

ଧର୍ମଶାଳା,୧୩/୮(ନି/ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆରୁହା,ଜାରକା ଓ ବାରବାଟୀ ମଣ୍ଡଳରେ ବିଜେପି ପକ୍ଷରୁ ଘର ଘର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ହିମାଂଶୁ ଶେଖର ସାହୁ ସମସ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ତ୍ରିରଙ୍ଗା ପତାକା ଧରି କର୍ମୀମାନଙ୍କ ସହିତ ସାମିଲ ହୋଇ ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲେ। ବିଧାୟକ ଶ୍ରୀ ସାହୁ ବାରବାଟୀ ମଣ୍ଡଳର ନଠୁଆବରଠାରେ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଯାତ୍ରା ଆଦାମପୁରଠାରେ ଶେଷ ହୋଇଥିଲା। ପରେ ସେ ଆରୁହା ମଣ୍ଡଳର ଜାରକା ମହୋତ୍ସବ ପଡିଆରେ ସାମିଲ ହୋଇଥିଲେ। ଏହି ଯାତ୍ରା ଜାରକାଠାରୁ କାଏମା ଓ କାଏମାଠାରୁ ନରସିଂହପୁର ପର୍ଯ୍ୟନ୍ତ ପତାକା ଧରି କର୍ମୀଙ୍କ ଗହଣରେ ସାମିଲ ହୋଇଥିଲେ। ଏହି ଯାତ୍ରାରେ ଜିଲା ସଭାପତି ଦେବଯାନୀ ପ୍ରଧାନ,ସମାଜସେବୀ ମିନତୀ ସାହୁ,ପୂର୍ବତନ ସାଂସଦ ରୀତା ତରାଇ,ଯୁବ ସଂଗଠକ ରାଜେଶ ପାଳ,ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ,ଯୁବ ସଭାପତି ବିଶ୍ୱଜିତ ପୃଷ୍ଟି,ଜାରକା ମଣ୍ଡଳ ସଭାପତି ଦେବଦତ ପଣ୍ଡା,ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା,ଯୁବସଭାପତି ରୁଦ୍ର ପ୍ରସାଦ ବେହେରା,ଆତ୍ମାର ଅଧ୍ୟକ୍ଷ ଉପେନ୍ଦ୍ର କୁମାର କର,ପ୍ରଭାରୀ ଅଭିଷେକ ରାଉତ,ରୁଦ୍ର ବରାଳ,ଜୟନ୍ତ କୁମାର ପ୍ରଧାନ ପ୍ରମୁଖ ଘର ଘର ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ। ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଅଗଷ୍ଟ ୧୫ ସ୍ୱାଧୀନତା ଦିବସର ଆନନ୍ଦକୁ ପ୍ରତ୍ୟେକ ଘରେ ଘରେ ପଂହଚାଇବା ଲାଗି ୧୧ ତାରିଖଠାରୁ ଦେଶ ବ୍ୟାପୀ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଆଜି ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାଲେଶ୍ୱରର ସ୍ୱାସ୍ଥ୍ୟ ଭିତିଭୂମି ପାଇଁ ୩.୧୦ କୋଟି ଯୋଗାଇ ଦେଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ/ଭୁବନେଶ୍ୱର,୧୩/୮: କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ଦୁଇ ପ୍ରମୁଖ ଡାକ୍ତରଖାନାର ଉନ୍ନତିକରଣ ଲାଗି ନିଜ ସାଂସଦ ପାଣ୍ଠିରୁ ୩ କୋଟି ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ସୁପାରିସ କରିଛନ୍ତି। ଏହି ଅର୍ଥ ଚିକିତ୍ସା ଭିତ୍ତିଭୂମି ଉନ୍ନତୀକରଣ ଲାଗି ବିନିଯୋଗ କରାଯିବ। କେନ୍ଦ୍ର ମନ୍ତ୍ରୀଙ୍କ ସାଂସଦ ପାଣ୍ଠିରୁ ନୀଳଗିରି ଉପଖଣ୍ଡ ଡାକ୍ତରଖାନାକୁ ୧ କୋଟି ୪୦ ଲକ୍ଷ ଟଙ୍କା ଏବଂ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧ କୋଟି ୭୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ। ଉତ୍ତର ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରମୁଖ ଜିଲ୍ଲା ବାଲେଶ୍ୱରର ଜନସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ, ୨୩ ଲକ୍ଷରୁ ଅଧିକ ହୋଇଥିବା ବେଳେ କେବଳ ବାଲେଶ୍ୱର ସହରରେ ୧ ଲକ୍ଷ ୭୪ ହଜାରରୁ ଅଧିକ ଲୋକ ବସବାସ କରନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହରର ଅନ୍ୟତମ ପ୍ରମୁଖ ସରକାରୀ ଡାକ୍ତରଖାନା ହୋଇଥିବାରୁ ଲକ୍ଷଲକ୍ଷ ଲୋକ ଏହି ଚିକିତ୍ସାଳୟ ଉପରେ ନିର୍ଭର କରିଥା'ନ୍ତି। ସାଂସଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅର୍ଥରେ ଭେଷଜ ବ୍ଲକ, ଔଷଧ ଭଣ୍ଡାରଣ ଗୃହ, ମାତୃ ଓ ଶିଶୁ କମ୍ପ୍ଲେକ୍ସ, ଆପାତକାଳୀନ ବିଭାଗ, ଆଣ୍ଟି-ରେଟ୍ରୋଭାଇରାଲ ଥେରାପି କେନ୍ଦ୍ର, ସର୍ଜରୀ ୱାର୍ଡ, ଅପରେସନ ଥିଏଟର ଏବଂ ଜଳପାନ କକ୍ଷର ଉନ୍ନତିକରଣ କରାଯିବ। ସେହିପରି ୫୦ ଲକ୍ଷ ଟଙ୍କା ବ୍ୟୟରେ ରୋଗୀ ବିଶ୍ରାମ କକ୍ଷ ନିର୍ମାଣ କରାଯିବ। ଅନ୍ୟପକ୍ଷରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଖର୍ଚ୍ଚ ହେବାକୁ ଥିବା ୧ କୋଟି ୪୦ ଲକ୍ଷ ଟଙ୍କାରେ ଆଇପିଡି, ଔଷଧ ଭଣ୍ଡାରଣ ଗୃହ, ରୋଗୀ ବିଶ୍ରାମ କକ୍ଷ, ଆପାତକାଳୀନ ବିଭାଗ, ଜଳପାନ କକ୍ଷ, ସର୍ଜରୀ ୱାର୍ଡ ଓ ଅସ୍ତ୍ରୋପଚାର ଗୃହ, ଏସଡିଏମଓଙ୍କ କାର୍ଯ୍ୟାଳୟ ଏବଂ ଓପିଡି ବ୍ଲକର ଉନ୍ନତିକରଣ କରାଯିବାକୁ ପ୍ରସ୍ତାବ ରହିଛି। ଏସବୁ ଉନ୍ନତିକରଣ କାର୍ଯ୍ୟ ଦ୍ୱାରା ନୀଳଗିରି, ବାଲେଶ୍ୱର ଏବଂ ଏହାର ଆଖପାଖ ଅଚଂଳର ରୋଗୀମାନଙ୍କୁ ବିଭିନ୍ନ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ମିଳିପାରିବ। ରୋଗୀ ଓ ସେମାନଙ୍କ ପରିବାର ଲୋକଙ୍କ ପାଇଁ ଏହି ଭିତିଭୂମି ଉନ୍ନତୀକରଣ ଏକ ଦୀର୍ଘକାଳୀନ ଆବଶ୍ୟକତାକୁ ପୂରଣ କରିବ। ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ଅଧିକ ଆରାମଦାୟକ ଏବଂ ଦକ୍ଷ ସ୍ୱାସ୍ଥ୍ୟ ସେବା ମିଳିପାରିବ।




# ପ୍ରବଳ ବର୍ଷାରେ ରାଉରକେଲା ସହରର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ଅଚଂଳ ଜଳମଗ୍ନ







ରାଉରକେଲା,୧୩/୮(ନି/ପ୍ର): ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ ଗଠିତ ହୋଇଥିଲେ ମଧ୍ୟ ସହରର ଡ୍ରେନେଜ୍ ସିଷ୍ଟମ୍ ଦେଖିଲେ ଏହାକୁ ସ୍ମାର୍ଟ ସିଟି ଡ୍ରେନେଜ୍ ସିଷ୍ଟମ୍ କେହି କହିବେ ନାହିଁ ବୋଲି ଆଜି ଅଭିଯୋଗ କରିଛନ୍ତି ବର୍ଷା ପାଣିରେ ବୁଡ଼ି ରହିଥିବା ସ୍ମାର୍ଟ ସିଟି ମୁଖ୍ୟ ରାସ୍ତାକୁ ଲାଗିରହିଥିବା ଘରର ଜନସାଧାରଣ। ସେମାନେ ଅଭିଯୋଗ କରିଛନ୍ତି ଯେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନର ପୁନଃ ନିର୍ମାଣ ସମୟରେ ଏହାକୁ ଜବରଦଖଲ କରି ରଖିଥିବା ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଡେନକୁ ଅଣଚଉଡା କରି ନିର୍ମାଣ କରାଯାଇଥିବା ଦୃଷ୍ଟିରୁ ଏପରି ପରିସ୍ଥିତି ଉପୁଜିଛି। ଲଘୁଚାପ ଜନିତ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାକୁ ବିଶେଷ ସତର୍କ ସୂଚନା (ଜରୟ ଡବକ୍ସଭସଭଣ) ଜାରି କରାଯାଇଥିବା ବେଳେ, ଝାରସୁଗୁଡା, ସମ୍ବଲପୁର, ବରଗଡ, ଦେଓଗଡ, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କଟକ ଜିଲ୍ଲାକୁ ସତର୍କ ସୂଚନା (ଢକ୍ସବଭଶର ଡବକ୍ସଭସଭଣ) ଜାରି କରାଯାଇଛି। ବୁଧବାର ରାତି ୨ଟା ଠାରୁ ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ଲାଗି ରହିଥିଲା ବେଳେ ଗୁରୁବାର ଦିନ ୧୧ଟା ସମୟ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ଫଳରେ ରାଉରକେଲା ସହରର ପାନପୋଷ ୱାଟକୋ କଲୋନୀ (ପିଏଚ୍ଇଡି) ଅଚଂଳରେ ଥିବା ସରକାରୀ ବାସଗୃହରେ ବର୍ଷା ପାଣି ପଶିଥିବା ବେଳେ ଛେଣ୍ଡ କଲୋନୀର ଆରଡିଏ କଲୋନୀ, କୋ-ଅପରେଟିଭ କଲୋନୀ, ବାସନ୍ତୀ କଲୋନୀ, ବିରଜାପାଲ୍ଲୀ, ଉଦିତନଗର, ବିର୍ସା ଡାହର ରୋଡର ପଣ୍ଡା କଲୋନୀ, ଡେଲି ମାର୍କେଟର ମାଛ ମାର୍କେଟ, ପ୍ଲାଂଟସାଇଟ୍ ରୋଡ୍, ନୂଆ ବସ ଷ୍ଟାଣ୍ଡ ଅଚଂଳର ଗୁରୁଦ୍ୱାର ରୋଡ, ଗାନ୍ଧୀ ରୋଡ୍ ଅଚଂଳରେ ଥିବା ଘରମାନଙ୍କରେ ବର୍ଷାପାଣି ପଶିବା ଫଳରେ ଘରେ ଭିତରେ ଥିବା ଆସବାବପତ୍ର ନଷ୍ଟ ହେବା ସହିତ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀର୍ ଆଜି ପୂର୍ବାହ୍ନରେ ଖବର ପାଇବା ପରେ ମହାନଗର ନିଗମ କର୍ମଚାରୀଙ୍କ ସହିତ ମୁଖ୍ୟରାସ୍ତା ଅଚଂଳରେ ପହଁଚିଂ ଜେସିବି ଲଗାଇ ଡେନ୍ ଉପରେ ଥିବା ସ୍ଲାବକୁ ହଟାଇ ବର୍ଷାପାଣି ଯିବାପାଇଁ ପଥ ପରିଷ୍କାର କରାଇଥିଲେ।

## ରାଉରକେଲା ମହାନଗର ନିଗମ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା




ରାଉରକେଲା,୧୩/୮(ନି/ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୮୦ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ତଥା ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦେଶ ବ୍ୟାପୀ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଅଧୀନରେ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ଆଜି ରାଉରକେଲା ମହାନଗର ନିଗମ ତରଫରୁ ମଧ୍ୟ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସ୍ଥାନୀୟ ଉଦିତନଗର ସ୍ଥିତ ଆମ୍ବେଦକର ଛକରୁ ଏହି ଶୋଭାଯାତ୍ରା ବାହାରି ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଶେଷ ହୋଇଥିଲା। ରାଉରକେଲା ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ସ୍ଥାନୀୟ ଜନସାଧାରଣ ଉତ୍ସାହ ଓ ଉଦ୍ଦୀପନାର ସହ ହାତରେ ଜାତୀୟ ପତାକା ଧରି ଦେଶାତ୍ମବୋଧକ ନାରା ଦେଇ ଏହି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଏହି ଶୋଭାଯାତ୍ରାରେ ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀରଙ୍କ ସହ ଯୁଗ୍ମ ଆୟୁକ୍ତ ଶ୍ରୀମତୀ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଶ୍ରୀମତୀ ଅନୀତା ନାଏକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ସହକାରୀ ପୌର ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସହ ଆରଏମସି, ଆରଡିଏର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏବଂ ସ୍ଥାନୀୟ ଲୋକ ପ୍ରତିନିଧି ଏଥିରେ ସାମିଲ୍ ହୋଇଥିଲେ।

## ବିରମିତ୍ରପୁର ତହସିଲରେ ଜମି ଜାଲିଆତି ମାମଲାରେ ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ଯୋଜନା ବୋର୍ଡ଼ ଅଧକ୍ଷ ଶ୍ରୀ ତନ୍ତୀ



ରାଉରକେଲା,୧୩/୮(ନି/ପ୍ର): ଆଦିବାସୀ ବହୁଳ ଜିଲ୍ଲା ଭାବେ ପରିଚିତ ଆମ ସୁନ୍ଦରଗଡ଼ ରାଜସ୍ୱ ଜିଲ୍ଲାର ବିରମିତ୍ରପୁର ତହସିଲର ଲହଣ୍ଡା ରାଜସ୍ୱ ନିରୀକ୍ଷକଙ୍କ ସର୍କଲ ଅଧୀନରେ ଥିବା ଲହଣ୍ଡା,ଖୁଟଂଗାଁ ଏବଂ ମିଟକୁନ୍ଦରୀ ଗ୍ରାମରେ ଏକର ଏକର ସରକାରୀ ଜମିକୁ କିଛି ଜମି ମାଫିଆ ମାନେ ତହସିଲ କାର୍ଯ୍ୟାଳୟର କିଛି ଅସାଧୁ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ମଧୁ ଚନ୍ଦ୍ରିକା କରି ଶାଗ ମାଛ ଦରରେ ନିଜ ନିଜ ନାମରେ କରାଇନେବା ପରେ ପୁନଃ ସେହି ଜମିଗୁଡିକୁ ଚଢା ଦରରେ ଲୋକଙ୍କୁ ବିକ୍ରୀ କରିବା ସହିତ କେତେକ ଜମିକୁ ପ୍ଲଟିଙ୍ଗ କରି ମଧ୍ୟ ବିକ୍ରି କରୁଥିବା ନେଇ ଅଭିଯୋଗ ପାଇବା ପରେ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ତଥା ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଗତ କିଛିଦିନ ତଳେ ବିରମିତ୍ରପୁର ତହସିଲକୁ ପରିଦର୍ଶନରେ ଯାଇ ସାଧାରଣ ଲୋକଙ୍କ ଅଭିଯୋଗ ସମ୍ବନ୍ଧରେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଘଟଣା ପରେ କିଛି ଜମିକୁ ଯଦିଓ ନିଜ ମୂଳ ସ୍ଥିତିକୁ ଫେରାଇ ଅଣାଯାଇଥିଲା ତେବେ ଏବେ ମଧ୍ୟ କେତେକ ଜମି ଜାଲିଆତିର ତଦନ୍ତ କରିବା ଆବଶ୍ୟକତା ନେଇ ଆଜି ରଘୁନାଥପାଲ୍ଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଶ୍ରୀ ତନ୍ତୀ ଭୁବନେଶ୍ୱରରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସାକ୍ଷାତ କରି ବିରମିତ୍ରପୁର ତହସିଲ ଅଚଂଳରେ ଥିବା ଲହଣ୍ଡା ଏବଂ ଖୁଟଂଗାଁ ଆର ଆଇ ସର୍କଲରେ ହୋଇଥିବା କେତେକ ଜମି ଜାଲିଆତିର ତଦନ୍ତ ପାଇଁ ଦାବି ଜଣାଇଛନ୍ତି।

## ରାତ୍ରିକାଳୀନ ପେଟ୍ରୋଲିଂ ଢିଲାପଣ ଯୋଗୁଁ ଚୋରି ବୃଦ୍ଧି
## ସେକ୍ଟର-୩ ଥାନା ଅଚଂଳରେ ଚୋରି



ରାଉରକେଲା,୧୩/୮(ନି/ପ୍ର): ସମ୍ପ୍ରତି ପୁଲିସର ରାତ୍ରି କାଳୀନ ପେଟ୍ରୋଲିଂର ଢିଲାପଣ ଯୋଗୁଁ ଚୋରି ବୃଦ୍ଧି ପାଉଛି ବୋଲି ସହରରେ ଚର୍ଚ୍ଚା ଧରିଛି। ସେକ୍ଟର ଅଚଂଳରେ ଚୋରି ବୃଦ୍ଧି ପାଉଥିଲା ବେଳେ ସ୍ଥାନୀୟ ପୁଲିସ କେତେକାଂଶରେ ସଫଳତା ପାଇଥିଲା ବେଳେ ବହୁ ସ୍ଥାନରେ ସଫଳତା ନଗଣ୍ୟ ବୋଲି ଜଣାପଡିଛି। ସୂଚନାଯୋଗ୍ୟ ଯେ ସେକ୍ଟର ୩ ଥାନା ଅନ୍ତର୍ଗତ ତାରିଣୀ ମନ୍ଦିର ପାଖ ବାସନ୍ତୀ ପୂଜା ପଡ଼ିଆ ନିକଟରେ ଥିବା ଅଶୋକ ବଳ ଙ୍କ ଦୋକାନରୁ ଗତକାଲି ରାତିରେ କୌ।ଣସି ଦୁବୃର୍ତ୍ତ ଦୋକାନର ଆଜବେଷ୍ଟସ ଭାଙ୍ଗି ମ୍ୟାଗି, ଚକୋଲେଟ୍, ଅମୂଲ୍ୟା, କୋଲଡିଙ୍କ୍ସ, ସିଗାରେଟ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରାୟ ୧୫ ହଜାର ଟଙ୍କାର ସାମଗ୍ରୀ ଚୋରି କରିବା ସହ ଦୋକାନରେ ଥିବା ଆଇସକ୍ରିମ,ପନୀର,କେକ୍ ଖାଇବା ଓ ଦୋକାନରେ ଥିବା ପ୍ରାୟ ସାଢ଼େ ୪ ହଜାର ଟଙ୍କା ଚୋରି କରିନେଇଥିବା ସେକ୍ଟର ୩ ଥାନାରେ ଅଭିଯୋଗ କରାଯାଇଛି। ଗତକାଲି ରାତିରେ ବର୍ଷାର ସୁଯୋଗ ନେଇ ଚୋରି ହୋଇଥିବା ଜଣା ପଡିଛି। ତେବେ ଗତକାଲି ରାତିରେ ଭୀଷଣ ବର୍ଷା ଓ ଆଜବେଷ୍ଟସ ଭାଙ୍ଗା ଯୋଗୁଁ ବର୍ଷାପାଣି ପଶି ବହୁ ଜିନିଷ ନଷ୍ଟ ହୋଇଥିବା ଜଣାପଡିଛି। ଗତକିଛି ମାସ ହେଲା ସେକ୍ଟର ଅଚଂଳରେ ଚୋରି ବୃଦ୍ଧି ପାଉଥିବାରୁ ଏନେଇ ବୁଦ୍ଧିଜୀବୀ ମହଲରେ ଆଶଙ୍କା ପ୍ରକାଶ ପାଇଛି।

## ୬ ଘଟାଂର କସରତ ପରେ ଖାଲ ଭିତରୁ ବାହାରିଲା ହାତୀଛୁଆ



ସୁନ୍ଦରଗଡ,୧୩/୮(ନି/ପ୍ର): ଶେଷରେ ୬ ଘଟାଂର କସରତ ପରେ ଖାଲ ଭିତରୁ ବାହାରିଛି ହାତୀ ଛୁଆ । ସୁନ୍ଦରଗଡ଼ ସଦର ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ହମିରପୁର ପଂଚାୟତର ଗୋପପୁର ଗାଁ ନିକଟସ୍ଥ ଜଙ୍ଗଲର ଏକ ଖାଲରେ ଆଜି ଭୋରରୁ ଗଳିପଡିଥିଲା ଏକ ହାତୀ ଶାବକ। ଆଉ ମା ହାତୀ ତାହାକୁ ଜଗି ରହିଥିଲା । ବନବିଭାଗଘଟଣାସ୍ଥଳରେ ପହଚିଂ ଥିଲେ ସୁଦ୍ଧା ହାତୀକୁ ଉଦ୍ଧାର କରିବା ବହୁତ ମୁସ୍କିଲ ହୋଇପଡିଥିଲା । ହେଲେ ଦୀର୍ଘ ୬ ଘଟାଂର କସରତ ପରେ ବନବିଭାଗ ହାତୀକୁ ଖାଲ ଭିତରୁ ଉଦ୍ଧାର କରିଛି ।

## ରାଉରକେଲାକୁ ଜି.ସି.ସି. ସହର ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଉ- ଥିଂକର୍ସ ଫୋରମ୍




ରାଉରକେଲା,୧୩/୮(ନି/ପ୍ର): ବିଗତ ଦିନରେ ଓଡ଼ିଶା ସରକାର କଟକ, ଭୁବନେଶ୍ୱର, ବରଗଡ଼,ସମ୍ବଲପୁର, କେନ୍ଦୁଝର ଇତ୍ୟାଦି ସହରରେ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ ପାଇଁ ଘୋଷଣା କରି ଭୁବନେଶ୍ୱର ବ୍ୟତୀତ ଅନ୍ୟାନ୍ୟ ସହରରେ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରିଛନ୍ତି । ଭାରତରେ ଇଂରାଜୀ ଜ୍ଞାନ ଥାଇ ବିଜ୍ଞାନ ଇଞ୍ଜିନିୟରିଂ କୁଶଳୀ ମାନବ ସମ୍ବଳ ବିଶ୍ୱର ସବୁଠାରୁ ଅଧିକ ଓ ଆମେରିକା-ଇଉରୋପ ବିକଶିତ ଦେଶ ତୁଳନାରେ ଖୁବ୍ କମ୍ ପାରିଶ୍ରମିକରେ ଉପଲବ୍ଧ ହୋଇପାରୁଥିବାରୁ ଭାରତରେ ବର୍ତ୍ତମାନ ବିଶ୍ୱ ଦକ୍ଷତା କ୍ଷେତ୍ରରେ ସବୁଠାରୁ ଅଗ୍ରଣୀ ଦେଶ ଭାବରେ ଉଭା ହୋଇଛି । ସରକାରୀ ଆକଳନ ଅନୁଯାୟୀ ୨୫୦୦ କେନ୍ଦ୍ର ଭାରତରେ ୧୧୦ ବିଲିୟନ୍ ଡଲାର ବ୍ୟବସାୟ କରିବା ସହ ୪୫ ଲକ୍ଷ ନିଯୁକ୍ତି ସୃଷ୍ଟି କରିବ ଓ ଭାରତ ପରି ଦେଶରେ ବେରୋଜଗାରୀ ସବୁଠାରୁ ବଡ଼ ସମସ୍ୟା ହୋଇଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ପ୍ରୋତ୍ସାହନ, ପ୍ରସାରଣ ନୀତି ବିଶେଷ ଗୁରୁତ୍ୱପୂର୍ଣ୍ଣ ବହନ କରେ । ଏହି ମର୍ମରେ ମେଟ୍ରୋ ସହର ବ୍ୟତୀତ ସରକାର ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରରେ ଅପେକ୍ଷାକୃତ ଖୁବ୍ କମ ଖର୍ଚ୍ଚରେ ଏହାର ପ୍ରତିଷ୍ଠା ଓ ପରିଚାଳନା ହୋଇପାରିଥିବାରୁ ଗତ ବଜେଟ୍ରେ କେନ୍ଦ୍ର ସରକାର ଏହି ସବୁ ଛୋଟ ସହର ପାଇଁ ପ୍ରୋତ୍ସାହନ ନୀତି ଘୋଷଣା କରିଛନ୍ତି ଓ ଓଡ଼ିଶା ସରକାର ମଧ୍ୟ ଭୁବନେଶ୍ୱର ବ୍ୟତୀତ ଜି.ସି.ସି ନୀତି ପ୍ରଣୟନ କରିଛନ୍ତି । କେନ୍ଦ୍ର ସରକାରଙ୍କର ୨/୩ ଶ୍ରେଣୀ ସହର ପାଇଁ ଜି.ସି.ସି. ନୀତିରେ ଭିତ୍ତିଭୂମି, ସ୍ମାର୍ଟସିଟି, ପି.ଏମ୍. ଗତିଶକ୍ତି, ବିତୀୟ ସହାୟତା, ଏସ୍.ଟି.ପି.ଆଇ କର ରିହାତି, ଏସ୍.ଇ.ଜେଡ୍ ସ୍ଥାପନ ପ୍ରତିଭା ଓ ଦକ୍ଷତା ଉତ୍କର୍ଷ ଉଚ୍ଚ ଶିକ୍ଷା କେନ୍ଦ୍ର ଇତ୍ୟାଦି କେତୋଟି ପ୍ରମୁଖ ବିଷୟକୁ ଗୁରୁତ୍ୱ ଦେଉଥିବା ବେଳେ ରାଉରକେଲା ଏହି ସବୁ ବିଷୟ ପରିପ୍ରେକ୍ଷୀରେ ଏକ ଉନ୍ନମ ତୃତୀୟ ଶ୍ରେଣୀ ସହର ଭାବେ ପ୍ରମୁଖ ସ୍ଥାନ । କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କେରଳ, ଗୁଜୁରାଟ, ମହାରାଷ୍ଟ୍ର ଭଳି ରାଜ୍ୟ ତାଙ୍କର ଜି.ସି.ସି ନୀତିରେ ଦ୍ୱିତୀୟ ଓ ତୃତୀୟ ସହର ଯଥା ମହିଶୂର, ମାଙ୍ଗାଲୋର, ହୁବଳି-ଧାରୱାଡ, କୋଏମ୍ବାଟୁର, ମଦୁରାଇ, ତ୍ରିଚୁରାପଲ୍ଲୀ, ୱାରାଙ୍ଗଲ, ନାନ୍ଦେଡ଼, ତ୍ରିଭାନ୍ଦ୍ରମ୍, ଖମାମ୍ ଇତ୍ୟାଦି ସହରକୁ ପ୍ରୋତ୍ସାହନ କରୁଛନ୍ତି ଓ ବହୁମାତ୍ରାରେ ସଫଳ ମଧ୍ୟ ହେଉଛନ୍ତି । ରାଉରକେଲାରେ ପାରଂପାରିକ ଜେନେରିକ କଲ ସେଟଂର ବା ଆଇ.ଟିର ସହାୟକ ସେବା କେନ୍ଦ୍ରିକ ନ ହୋଇ ଇଂଜିନିୟରିଂ ଗବେଷଣା, କୋରଟେକ୍, ମାନୁଫାକ୍ଚରିଂ, ଡିଜାଇନ୍ ସହାୟତା, ଇତ୍ୟାଦି କ୍ଷେତ୍ର ପାଇଁ ଓଡ଼ିଶାର ସର୍ବୋତ୍କୃଷ୍ଟ ସ୍ଥାନ । ଏଠାରେ ଉଲ୍ଲେଖନୀୟ ଯେ ଆନ୍ତର୍ଜାତୀୟ ସଂସ୍ଥାମାନଙ୍କୁ କେତୋଟି ଜିସିସି ସହାୟତା ପାଇଁ ୨୨୪୭ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଆୟକର ଛାଡ଼ ପ୍ରାବଧାନ ମଧ୍ୟ କରିଛନ୍ତି । ଭୁବନେଶ୍ୱର ବ୍ୟତୀତ ରାଉରକେଲା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଶିଳ୍ପ, ଶିକ୍ଷା, କ୍ରୀଡ଼ା, ପରିବେଶ, ସ୍ୱଚ୍ଛତା, ସାମାଜିକ ଭିତ୍ତିଭୂମି, ଇତ୍ୟାଦି ଅନେକ କ୍ଷେତ୍ରରେ ନିଜର ପାରଦର୍ଶିତା ପାଇଁ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ସରକାରଙ୍କର ରାଉରକେଲାରେ ଥିବା ଏସ୍?.ଟି.ପି.ଆଇ. ପାର୍କର ସାମାନ୍ୟ ଉନ୍ନତିକରଣର ଏହି ଲକ୍ଷ ସାଧାନ ହୋଇପାରିବ ନାହିଁ। ତେଣୁ ସରକାର ଉପରୋକ୍ତ ବିଷୟକୁ ପର୍ଯ୍ୟାଲୋଚନା କରି ରାଉରକେଲାର ନ୍ୟାର୍ଯ୍ୟ ଦାବି ଭାବରେ ଏହାକୁ ଜି.ସି.ସି. ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ବୃହନ୍ନ ଓ ପାରଂପାରିକ ଶିଳ୍ପ ବ୍ୟତୀତ ବୈଷୟିକ, ନବସୃଜନ, ନୂତନ ଅର୍ଥନୀତିର ଏକ ପ୍ରମୁଖ କେନ୍ଦ୍ର ରୂପେ ପରିଣତ କରନ୍ତୁ। ଏହି ମର୍ମରେ ଥିଂକର୍ସ ଫରୋମ୍?ର ଆବାହକ ନଳିନୀ କାନ୍ତ ଧର ମୁଖ୍ୟମନ୍ତ୍ରୀ, ଶିଳ୍ପମନ୍ତ୍ରୀ, ଆଇ.ଟି. ମନ୍ତ୍ରୀ, ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ବିଭାଗ ଅତିରିକ୍ତ ସଚିବ, ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ସାଂସଦ ଓ ବିଧାୟକଙ୍କୁ ସ୍ମାରକ ପତ୍ର ମାଧ୍ୟମରେ ଦାବି ଜଣାଇଛନ୍ତି ।

## ଆଇଜିଏଚ୍ରେ ସ୍ତନ୍ୟପାନ ସଚେତନତା ଶିବିର ଅନୁଷ୍ଠିତ



ରାଉରକେଲା,୧୩/୮(ନି/ପ୍ର): ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ସେଲ୍, ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ଠାରେ ନିକଟରେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ନବଜାତ ଶିଶୁର ସୁସ୍ଥ ବୃଦ୍ଧି ଓ ବିକାଶ ପାଇଁ ସ୍ତନ୍ୟପାନର ଗୁରୁତ୍ୱ ସମ୍ପର୍କରେ ପିତାମାତାଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏମ୍ଏଣ୍ଡଏଚ୍ଏସ୍ର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟନ୍ତ ଆଚାର୍ଯ୍ୟ, ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଶିଶୁରୋଗ ବିଭାଗ ମୁଖ୍ୟ ତଥା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଏମ୍ଏଣ୍ଡଏଚ୍ଏସ୍) ଡାକ୍ତର ଅର୍ଚ୍ଚନା ବେହେରା, ବରିଷ୍ଠ କନ୍ସଲଟାଂଟ, ଡାକ୍ତର ମଧୁସ୍ମିତା ସାହୁ , ଡାକ୍ତର ପୁନମ ଏକ୍କା, ବରିଷ୍ଠ ଉପ ଚିକିତ୍ସା ଅଧିକାରୀ, ଡାକ୍ତର ବିବେକାନନ୍ଦ ସିଂ, ବରିଷ୍ଠ ଚିକିତ୍ସା ଅଧିକାରୀ, ଡାକ୍ତର ପ୍ରିୟା କୁମାରୀ, ଏନ୍ଟିଆଇର ଅଧକ୍ଷା, ଶ୍ରୀମତୀ ବିଦ୍ୟୁତ୍ ପ୍ରଭା ଗୋଥ ଏବଂ ଉପ-ଅଧକ୍ଷା, ଶ୍ରୀମତୀ ନବନୀତା ଜେନା, ଏହି ଅବସରରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଡିଏନ୍ବିର ଛାତ୍ରଛାତ୍ରୀଙ୍କ ସମେତ ୨୦ ରୁ ଅଧିକ ପିତାମାତା ଏବଂ ସେମାନଙ୍କର ନବଜାତ ଶିଶୁଙ୍କ ସହ ଅଂଶଗ୍ରହଣ କରିଥିଲେ। ଡାକ୍ତର ବିବେକାନନ୍ଦ ସିଂ ଏବଂ ଡିଏନ୍ବି ଛାତ୍ରଛାତ୍ରୀଙ୍କ ଦ୍ୱାରା ପିତାମାତାଙ୍କ ପାଇଁ ଏକ ସଚେତନତା ବୃଦ୍ଧି ଆଲୋଚନାଚକ୍ର ଏ ଅବସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋକପାତ କରାଯିବା ସହ ପିତାମାତାଙ୍କୁ ଡାକ୍ତରୀ ଦଳଙ୍କ ସହିତ ଆଲୋଚନା କରିବା ଏବଂ ସ୍ତନ୍ୟପାନ ଓ ନବଜାତ ଶିଶୁର ଯତ୍ନ ସମ୍ପର୍କିତ ବିଭିନ୍ନ ସନ୍ଦେହ ଦୂର କରିବାର ସୁଯୋଗ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ ଡାକ୍ତର ପୁନମ ଏକ୍କା ସଂଯୋଜନା କରିଥିବା ବେଳେ ଡାକ୍ତର ଅର୍ଚ୍ଚନା ବେହେରା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଉନ୍ନମ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ନିଶ୍ଚିତ କରିବା ପାଇଁ ସ୍ତନ୍ୟପାନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ପିତାମାତାଙ୍କ ସଚେତନତା ବୃଦ୍ଧି କରିବା ଉପରେ ଏହି ସଚେତନତା ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା ।

## ସମାଜସେବୀ ସୁଭଦ୍ରାଙ୍କ ସ୍ମୃତିସଭା

ଭଦ୍ରକ,୧୩/୮(ନି/ପ୍ର): ଏହି ଜିଲାର ବନ୍ତ ବ୍ଲକ ଧନିଓଝା ଗ୍ରାମର ବିଶିଷ୍ଟ ସମାଜସେବିକା ସୁଭଦ୍ରା ସାମଲଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆଜି ସ୍ମୃତି ସଭା ଅନୁଷ୍ଠିତ ହୋଇଛି। ନିମାପଡାସ୍ଥିତ ଜଗନ୍ନାଥ ମନ୍ଦିରରେ ଆୟୋଜିତ ସଭାକୁ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ସାହୁ ପୌରହିତ୍ୟ କରିଥିଲେ। ଏଥିରେ ବିଶିଷ୍ଟ ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ, ବନ୍ତ କଲେଜର ପ୍ରାକ୍ତନ ଅଧକ୍ଷ ଡ. ଶୁଭେନ୍ଦ୍ର କୁମାର ମିଶ୍ର, ସାହିତ୍ୟିକ ଚର୍ତୁଭୂଜ ପହି, ସମାଜସେବୀ ସୂର୍ଯ୍ୟମଣି ରାଉଳ,ବନ୍ତ ବରିଷ୍ଠ ନାଗରିକ ମଂଚର ସମ୍ପାଦକ ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ପାଢୀ, ସହ-ସମ୍ପାଦକ ନାରାୟଣ ଚନ୍ଦ୍ର ଲେଙ୍କା, ଶିକ୍ଷାବିତ୍ ହୃଷିକେଷ ମିଶ୍ର,ରମାକାନ୍ତ ଜେନା, ଶଶି ଶେଖର କରଶର୍ମା, ଲବଙ୍ଗଲତା ସାହୁ,ସୋମନାଥ ନାୟକ, ନିମାପଡା ଶିଶୁ ମନ୍ଦିରର ପ୍ରଧାନଚାର୍ଯ୍ୟା ଇତିଶ୍ରୀ ମହାପାତ୍ର, ଇଂ.ସୁଧାଂଶୁ ନାୟକ, ସାମ୍ବାଦିକ ହେମନ୍ତ ସିଂହ, ଶିବ ନାରାୟଣ ବିଶ୍ୱାଳ, ନମିତା ବେହେରା, ଆଶିଷ ସାହୁ, ସୁରେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସୁଭଦ୍ରାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଜ୍ୟେଷ୍ଠ ପୁତ୍ର ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପରିବାରର ଦେବୋନାମ ପ୍ରିୟ ସାମଲ, ପୂର୍ଣ୍ଣଚନ୍ଦ୍ର ସାହୁ,ଟିସା ସାମଲଙ୍କ ସମେତ ଗୁରୁଜିଗୁରୁମା ଉଷାରାଣୀ ବେହେରା ଦମୟନ୍ତୀ ପାଣିଗ୍ରାହୀ, ସାବିତ୍ରୀ ମାଝୀ, ସସ୍ମିତା ପତି, ସବିତାରାଣୀ ଦାଶ, ପ୍ରଭାତୀ ପତି, ମିନତୀ ଲତା ରାଉତ,ନିରୁପମା ପାଣିଗ୍ରାହୀ, ସୁନିଲ କୁମାର ରାଉଳ, ପ୍ରସନ କୁମାର ରଥ,ମାନସ କୁମାର ନାୟକ, ରେବତି ବାରିକ, ସୁପ୍ରଭା ପତି ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ ଶିଶୁ ମନ୍ଦିର ଛାତ୍ରଛାତ୍ରୀ, ଗୁରୁଜୀଗୁରୁମାଙ୍କ ସମେତ ଉପସ୍ଥିତ ବ୍ୟକ୍ତିଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।